## ମନ୍ଦିରରୁ ଚୋରି ଘଟଣା, ୨ ଅଭିଯୁକ୍ତ ଗିରଫ

ରୂପସା/ବସ୍ତା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ଦାଣ୍ଡି ଗ୍ରାମର ଶିବ ମନ୍ଦିରରୁ ଚୋରି ଘଟଣାରେ ପୋଲିସ ଚଢ଼ାଉ କରି ରବିବାର ୨ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋପୀନାଥପୁର ଗ୍ରାମର ସେକ୍ ଆରିଫ୍ ଓ ସେକ୍ ଜଇରୁଦ୍ଦିନ। ମନ୍ଦିରରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ମୁତାବକ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଅଭିଯୁକ୍ତ ଆରିଫ୍ ଚୋରୀ ସାମଗ୍ରୀକୁ ସେକ୍ ଜଇରୁଦ୍ଦିନଙ୍କୁ ବିକ୍ରି କରିଥିବା ପୋଲିସ କହିଛି। ଗିରଫ ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟଚାଲାଣ କରାଯାଇଛି।

# ଅମଳ ହୋଇନି ଶତାଧିକ ଏକର ଜମିର ଧାନ

**ଜଳେଶ୍ୱର, ୧୧।୧୨(ଡି.ଏନ.ଏ.)**

ଚଳିତ ଖରିଫ ଋତୁରେ ପ୍ରତିକୂଳ ପାଗ ସତ୍ତ୍ୱେ ବାଲେଶ୍ୱର ଜିଲ ଜଳେଶ୍ୱର ବ୍ଲକର ଚାଷୀମାନେ ଖରିଫ ଧାନଚାଷ ରୁଆପୋତା କରିଥିଲେ। କିନ୍ତୁ ଚକଡାପୋକର ପ୍ରାଦୁର୍ଭାବ ଯୋଗୁ ଅମଳ ବେଳକୁ ଶତାଧିକ ଏକର ଜମିର ଚାଷ ନଷ୍ଟ ହୋଇଛି । କେଣ୍ଡାରେ ଗୋଟିଏ ଧାନ ନ ଥିବା ବେଳେ ଗଛଗୁଡିକ ଶୁଖିଯାଇ ଜମିରେ ଛିଡା ହୋଇଛି ।

ଚଳିତବର୍ଷ ନିର୍ଦ୍ଦିଷ୍ଟ ସମୟରେ ବର୍ଷା ହୋଇ ନ ଥିବାରୁ ଖରିଫ ଧାନଚାଷର ତଳି ନିର୍ଦ୍ଦିଷ୍ଟ ସମୟରେ ପଡିପାରି ନ ଥିଲା । ପରେ ରୁଆପୋତା ଚାଲିଥିବା ବେଳେ ପଶ୍ଚିମବଙ୍ଗର ଉଦ୍‌ବୃତ୍ତ ବର୍ଷାପାଣି ଓ ସୁବର୍ଣ୍ଣରେଖାର ବନ୍ୟା ବିସ୍ତୀର୍ଣ୍ଣ ଅଞ୍ଚଳ ବୁଡାଇ ଦେଇଥିଲା । ତଥାପି ଚାଷୀମାନେ ପ୍ରାୟ ୧୯ହଜାର ହେକ୍ଟର ଜମିରୁ ଅଧିକ ରୁଆପୋତା କରିପାରିଥିଲେ। କିନ୍ତୁ ଏଥିରୁ ୧୨୫୮ ହେକ୍ଟର ଜମିର ଚାଷ ବନ୍ୟା ଓ ବର୍ଷାପାଣିରେ ନଷ୍ଟ ହୋଇଥିବା ଦର୍ଶାଯାଇଥିଲା । କିନ୍ତୁ ଥୋଡ ସମୟରେ ବିଭିନ୍ନ ସ୍ଥାନରେ ବିସ୍ତୃତ ଭାବେ ଚକଡାପୋକ ପ୍ରାଦୁର୍ଭାବ ଦେଖାଦେଇଥିଲା । ଏନେଇ କୃଷି ଅଧିକାରୀ, କୃଷି ବୈଜ୍ଞାନିକମାନେ ବାରମ୍ବାର ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଥିଲେ ଓ ଚାଷୀଙ୍କ ମଧ୍ୟରେ ସଚେତନତା କରିଥିଲେ। ପରିସ୍ଥିତି ଏପରି ଥିଲା କୌଣସି କୀଟମରା ଔଷଧ ବାରମ୍ବାର ସ୍ପ୍ରେ କରି ମଧ ଚାଷୀମାନେ ଉପକୃତ ହୋଇପାରି ନ ଥିଲେ। ଏବେ ଧାନକଟା ଚାଲିଥିବା ବେଳେ ଚକଡାପୋକ ଲାଗିଥିବା ଜମିରେ ଗୋଟିଏ ହେଲେ ଧାନକେଣ୍ଡା ନାହିଁ। ଏପରିକି ସେ ସ୍ଥାନର ଧାନଗଛଗୁଡିକ ପୋଡିଗଲା ଭଳି ହୋଇଛି । ଚାଷୀମାନେ ଏପରି ଶହ ଶହ ଏକର ଜମିର ଚାଷ ବିଲରେ ଛାଡି ଦେଇଛନ୍ତି । ସେ ଧାନଗଛଗୁଡିକୁ ଗୋରୁମାନେ ମଧ ଛୁଉଁନାହାନ୍ତି । ପରିସ୍ଥିତି ଏପରି ହୋଇଛି ଯେ ଚାଷୀ କାଟିବାକୁ ଅମଙ୍ଗ ଥିବା ବେଳେ ରବିଋତୁରେ ଧାନ ରୁଆପୋତା କରିବା ଅସମ୍ଭବ ହୋଇପଡିଛି। ଚକଡାପୋକ ଦ୍ୱାରା ଏପରି ଅମଳ ହୋଇ ନ ଥିବା ଧାନକ୍ଷେତର ପରିମାଣ ତଦନ୍ତ ହେବା ସହିତ ଚାଷୀମାନଙ୍କୁ ରବି ଋତୁ ସହାୟତା ଯୋଗାଇବାକୁ ଦାବି ହୋଇଛି ।


ଧାନ ଗଛରେ ଚକଡାପୋକ ଲାଗିଛି।

### ଚକଡ଼ା ଦୁଃଖ

## ସଂକ୍ଷେପରେ

### କେନ୍ଦୁଝର ଜେଲ ଅଧୀକ୍ଷକଙ୍କୁ ଜେଲ ପଦକ



କେନ୍ଦୁଝର,୧୧।୧୨(ଡି.ଏନ୍.ଏ): କେନ୍ଦୁଝର ଜେଲ ଅଧୀକ୍ଷକଙ୍କ ସମେତ ତିନି ଜଣ କର୍ମଚାରୀ ଜେଲ ବିଭାଗ ତରଫରୁ ପ୍ରଶଂସିତ ହୋଇଛନ୍ତି। ଡିସେମ୍ବର ୧୦ ତାରିଖ କାରା ପ୍ରତିଷ୍ଠା ଦିବସ ପାଳନ ଅବସରରେ ଦୁଇ ଜଣ ରାଜ୍ୟସ୍ତରୀୟ କାରା ପ୍ରତିଷ୍ଠା ଦିବସରେ ଜେଲ ଡିଜି ଡ. ମନୋଜ ଛାବ୍ରାଙ୍କଠାରୁ ସମ୍ମାନଜନକ ଜେଲ ପଦକ ଜେଲ ଅଧିକ୍ଷକ ଗ୍ରହଣ କରିଛନ୍ତି। ଏହି ଜେଲ ପଦକ ଓଡିଶାର ମୋଟ ୨୦ ଜଣଙ୍କୁ ବିଭିନ୍ନ ଜେଲରୁ ମନୋନୀତ ହୋଇଥିବା ଅଧିକାରୀ ଏବଂ କର୍ମଚାରୀଙ୍କୁ ପ୍ରଦାନ କରାଯାଇଥିଲା। ୨୦୨୨ ମସିହାରେ ସର୍ବୋତ୍କୃଷ୍ଟ ସେବା ପାଇଁ ଜେଲ ଅଧୀକ୍ଷକ କୁଅଁର ମାରାଣ୍ଡି ଏବଂ କାରାରକ୍ଷୀ ସତ୍ୟବ୍ରତ ସି ଏହି ପଦକ ହାସଲ କରିଛନ୍ତି। ସେହିପରି ଉତ୍ତମ କାରା ସେବା ପାଇଁ ସହକାରୀ କାରାପାଳ ମହେଶ୍ୱର କୁଜୁର ଏବଂ କାରାରକ୍ଷୀ ମନୋରଞ୍ଜନ ପାଣିଗ୍ରାହୀ କାରା ବିଭାଗ ତରଫରୁ ପ୍ରଶଂସାପତ୍ର ଗ୍ରହଣ କରିଛନ୍ତି। ପ୍ରତିଷ୍ଠା ଦିବସରେ ଜେଲ ଡିଜି ଡ଼. ମନୋଜ ଛାବ୍ରା,ଏଡିଜି ଦୀପ୍ତେସ ପଟ୍ଟନାୟକ, ଜେଲ ଡିଆଇଜି ଶୁଭକାନ୍ତ ମିଶ୍ର ଏବଂ ଭୁବନେଶ୍ୱର ସ୍ୱତନ୍ତ୍ର କାରାଗାରର ସମସ୍ତ ଅଧିକାରୀ, କର୍ମଚାରୀ ଓ ଅନ୍ତେବାସୀ ଉପସ୍ଥିତ ଥିଲେ।

### ରକ୍ତଦାନ ଶିବିରରେ ୫୬ ୟୁନିଟ୍ ସଂଗ୍ରହ

ଔପଦା, ୧୧।୧୨-ବାଲେଶ୍ୱର ଜିଲା ଔପଦା ବ୍ଲକ ଅନ୍ତର୍ଗତ ଅଘିରାପଦା ପଞ୍ଚାୟତ କମାରପାଳ ହାଇସ୍କୁଲ୍ ପରିସରରେ ରକ୍ତଦାନ ଶିବିର ସକ୍ଷମ ଫାଉଣ୍ଡେଶନ ତରଫରୁ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଔପଦା ଥାନା ଅଧିକାରିଣୀ କମଳିନୀ ତାଣ୍ଡି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ନିଜେ ମଧ ଶିବିରରେ ରକ୍ତଦାନ କରି ନିଜର ମହତପଣିଆ ଦେଖାଇଥିଲେ।

ଅଘିରାପଦା ପଞ୍ଚାୟତ ସରପଞ୍ଚ ଅନୁପମା ବିଶ୍ୱାଳ ଓ ସମିତିସଭ୍ୟା ଶିଖା ନାୟକଙ୍କ ତତ୍ତ୍ୱାବଧାନରେ କମାରପାଳ ହାଇସ୍କୁଲ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା ଏବଂ ସକ୍ଷମ ଫାଉଣ୍ଡେଶନ ସଭାପତି ଶଶୀକାନ୍ତ ରାଉତ, କର୍ମକର୍ତ୍ତା ଓ ଯୁବ ସାମାଜିକ କର୍ମୀ ସଞ୍ଜୁ ବିଶ୍ୱାଳ, ଦେବେନ୍ଦ୍ର ଦାସ, ସରୋଜ ଜେନା, ଆଦିତ୍ୟ ନାରାୟଣ ବେହେରା ଓ ମାନସ କୁମାର ବେଜ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଶିବିରରେ ବହୁ ଯୁବକ ଓ ମହିଳା ସେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଶିବିରରେ ୫୬ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### ଜଳିଗଲା ଶତାଧିକ ଧାନ କଳେଇ

ପାଟଣା,୧୧।୧୨(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବାଉଁଶୁଳି ପଞ୍ଚାୟତ ଉପାନ୍ତ ଅଞ୍ଚଳ ଭୁଲୁଦା ମଝି ସାହିରେ ଶନିବାର ରାତିରେ ଅଗ୍ନିକାଣ୍ଡ ଘଟି ୩ ଚାଷୀଙ୍କ ଶତାଧିକ କଳେଇ ଜଳିଯାଇଛି। ଗାଁ ମଝିରେ ଥିବା ଚଟିରିରେ ଗାଁର ନନ୍ଦ କିଶୋର ନାଏକ, ମହେନ୍ଦ୍ର ନାଏକ ଓ ନରୋତ୍ତମ ନାଏକ ଖଳା କରି ରଖିଥିବା ଧାନ କଳେଇ ଜଳୁଥିବା ଦେଖି ଲୋକେ ପାଟି କରିଥିଲେ। ଖଳା ନିକଟରେ ଜଳ ଉତ୍ସ ନ ଥିବାରୁ ଉପସ୍ଥିତ ଯୁବକ ଅର୍ଦ୍ଧାଧିକ କଳେଇକୁ ବୋହି ସୁରକ୍ଷିତ ରଖିଥିଲେ। ୩ ଚାଷୀଙ୍କ ୨ ଶହରୁ ଉର୍ଦ୍ଧ୍ୱ କଳେଇ ଥିଲା। ଉପାନ୍ତ ଅଞ୍ଚଳ ହୋଇଥିବାରୁ ବିଳମ୍ବରେ ଅଗ୍ନିଶମ ଗାଡ଼ି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ଗୀତା ଜୟନ୍ତୀ ସମାରୋହ

ବାଲେଶ୍ୱର ଅଫିସ, ୧୧।୧୨-ବାଲେଶ୍ୱର ସଂସ୍କୃତ ଭାରତୀ ଉତ୍କଳ ବିଭାଗ ତରଫରୁ ବାଲିଆପାଳ ବ୍ଲକର ଈଶ୍ୱରଚନ୍ଦ୍ର ସରକାରୀ ଉଚ୍ଚବିଦ୍ୟାଳୟ ବୋଲଙ୍ଗଠାରେ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ତରଣୀସେନ୍ ଜେନା ଓ ମୁଖ୍ୟବକ୍ତା ଶିକ୍ଷାବିତ୍ ଝାଡ଼େଶ୍ୱର ରାଉତ ଯୋଗଦେଇ ଗୀତାର ମହାତ୍ମ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ରୀଡ଼ା ଶିକ୍ଷକ ପ୍ରଫୁଲ୍ଲ କୁମାର ଜେନା ସଭାପତିତ୍ୱ କରିଥିଲେ। ବାଲେଶ୍ୱର ଜିଲା ସଂଯୋଜିକା ତଥା ଈଶ୍ୱର ଚନ୍ଦ୍ର ଉଚ୍ଚବିଦ୍ୟାଳୟ ଶିକ୍ଷିକା ବାଣେଶ୍ୱରୀ ଜେନା ଅତିଥି ପରିଚୟ ପ୍ରଦାନ, ବିସ୍ତାରକ ଅକ୍ଷୟ କୁମାର ଦତ୍ତ ସଭା ସଞ୍ଚାଳନା କରିଥିଲେ। ପ୍ରଧାନଶିକ୍ଷକ ପରେଶ ଚନ୍ଦ୍ର ପାତ୍ର ତଥା ସ୍ନେହଲତା ଭୋଳ, ସମାଜସେବୀ ରାମହରି ପାତ୍ର, ଚିନ୍ତାମଣି ପରିଡ଼ା, ଦୟାନିଧି ମଲ୍ଲିକ ଏବଂ ଛାତ୍ରୀଛାତ୍ର ଯୋଗଦେଇ ଗୀତା ପାରାୟଣ କରିଥିଲେ।

# ଧର୍ମାନ୍ତରୀକରଣକୁ ନେଇ ଉତ୍ତେଜନା

**ଯୋଡ଼ା,୧୧।୧୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ରୋଇଡ଼ା ପଞ୍ଚାୟତର କ୍ୟାମ୍ପ ହଟିଂଠାରେ ଧର୍ମାନ୍ତରୀକରଣକୁ ନେଇ ଉତ୍ତେଜନା ଦେଖାଦେଇଛି। ଦମ୍ପତି ନିର୍ଦ୍ଦିଷ୍ଟ ଧର୍ମ ସମ୍ପର୍କରେ ବୁଝାଉଥିବା ବେଳେ ଗ୍ରାମବାସୀ ବିରୋଧ କରିଥିଲେ। ଆଦିବାସୀ ଅଧ୍ୟୁଷିତ କ୍ୟାମ୍ପ ହଟିଂର ଗଣେଶ୍ୱର ଘୋଷ, ମଙ୍ଗଳ ଗୁଡ଼ିଆ, ଈଶ୍ୱର ପାତ୍ର, ବିର୍ଷିଂ ଲାଗୁରି, ଦୀପକ ମୁଣ୍ଡା, ବିଷ୍ଣୁ ପ୍ରଧାନ, ମନୁ ସାମାସି ପ୍ରମୁଖ କହିଥିଲେ, କ୍ୟାମ୍ପ ହଟିଂର ମହିଳା କୁନି ସାମାସି ତାଙ୍କର ସୁନ୍ଦରଗଡ଼ ଜିଲାସ୍ଥିତ ବନ୍ଧ ମୁଣ୍ଡା ନିବାସୀ ସୀତାରାମ ସାମାସିଙ୍କ ସହିତ ବିବାହ ପରେ ଅନ୍ୟ ଧର୍ମରେ ଦୀକ୍ଷିତ ହୋଇଥିଲେ। ରବିବାର ଦମ୍ପତି କ୍ୟାମ୍ପ ହଟିଂର ଆଦିବାସୀ ମହିଳା ଓ ପୁରୁଷମାନଙ୍କୁ ଉକ୍ତ ଧର୍ମ ସମ୍ପର୍କରେ ବୁଝାଇଥିଲେ। ଗ୍ରାମର ମୁଖିଆ ଶ୍ରେଣୀ ଲୋକଙ୍କ ବିନା ପରାମର୍ଶରେ ଏହି କାର୍ଯ୍ୟ ହେଉଥିବାରୁ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଥିଲା। ରବିବାର ରାଉରକେଲାରୁ ଆସିଥିବା ଏକ ଟିମକୁ ଗ୍ରାମବାସୀଙ୍କ ବିରୋଧ ଫଳରେ ସେମାନେ ଫେରି ଯାଇଥିଲେ। ଆଦିବାସୀଙ୍କ କରମା ପୂଜା, ଦଶହରା ପୂଜା, ମାଘେ ପରବ, ଅଖାଣି ପୂଜା ପ୍ରଭୃତିରେ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ଅଂଶ ଗ୍ରହଣ କରିବାକୁ ଦିଆ ଯିବ ନାହିଁ ଏବଂ ଗ୍ରାମ ଶ୍ମଶାନକୁ ମଧ ବ୍ୟବହାର କରି ପାରିବେ ନାହିଁ ବୋଲି ଗ୍ରାମବାସୀମାନେ କହିଛନ୍ତି। ଅନ୍ୟ ପକ୍ଷରେ ସୀତାରାମ ଓ ତାଙ୍କ ସ୍ତ୍ରୀ କହିଛନ୍ତି, ସେମାନଙ୍କୁ ଏହି ଧର୍ମ ଭଲ ଲାଗିବାରୁ ଅନ୍ୟମାନଙ୍କୁ ଏହା ବିଷୟରେ ବୁଝାଉଛନ୍ତି। ଫେରିଥିବା ଲୋକେ କୌଣସି ଟିମ୍ ନୁହେଁ କନିଆଁ ଦେଖିବା ପାଇଁ ସେମାନେ ଆସିଥିଲେ ବୋଲି କହିଥିଲେ। ବିର୍ସା ମୁଣ୍ଡା ସମାଜ ପକ୍ଷରୁ ଆଦିବାସୀମାନେ ଏହାକୁ ବିରୋଧ କରୁଛନ୍ତି। ପ୍ରଶାସନ ଧର୍ମାନ୍ତରକରଣକୁ ସମାଧାନ କରା ନ ଗଲେ ଆଗାମୀ ଦିନରେ ଅଞ୍ଚଳରେ ଏକ ସଂଘର୍ଷ ପୂର୍ଣ୍ଣ ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି।

## ପ୍ରଶିକ୍ଷଣ ନେଲେ ୩୬ ଶିକ୍ଷକ

**ଚାନ୍ଦବାଲି, ୧୧।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନଳଗୋହିରାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଉତ୍କଳ ଶିକ୍ଷା ପରିଷଦର ଶିକ୍ଷା ଓ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ସଦାଶିବ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ରାଷ୍ଟ୍ର ନିର୍ମାଣରେ ଶିକ୍ଷକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଜଳଧରପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରତାପ କିଶୋର ମହାନ୍ତି ଓ ଅନ୍ୟତମ ଅତିଥି ଭାବେ ପ୍ରାନ୍ତ ନିରୀକ୍ଷକ ରବି ନାରାୟଣ ରାଉତ ଯୋଗ ଦେଇଥିଲେ। ଚାନ୍ଦବାଲି ସଙ୍କୁଳର ୩୬ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଭାଷା ସାହିତ୍ୟ, ଗଣିତ, ଶିଶୁ ମନୋବିଜ୍ଞାନ, ବୈଦିକ ଗଣିତ ଆଦି ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶେଷରେ ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଅତିଶ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ଶରତ ଚନ୍ଦ୍ର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ବୃନ୍ଦାବନ ବାରିକ, ଅମିତ ତ୍ରିପାଠୀ, ଲତାମଞ୍ଜରୀ ନାୟକ, ଶିକ୍ଷୟିତ୍ରୀ ରୀନାବାଳା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବାଇକ୍ ସହ କେନାଲକୁ ଖସିପଡ଼ିଲେ ଯୁବକ

**ସାରସକଣା,୧୧।୧୨(ଡି.ଏନ.ଏ.)**



ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ପୁନାସିଆ ଗ୍ରାମ ନିକଟ ଦେଇ ଯାଇଥିବା ସୁବର୍ଣ୍ଣରେଖା କେନାଲର ପୁନାସିଆ ବିଟ୍ ଗେଟ୍ ବନ୍ଧ ଭିତରକୁ ବାଇକ୍ ସହ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ରବିବାର ଅପରାହ୍ନରେ ଅଗ୍ନିଶମ ବାହିନୀ ଦ୍ୱାରା ଯୁବକଙ୍କ ମୃତଦେହ ଓ ଉକ୍ତ ବାଇକ୍‌କୁ କେନାଲରୁ ବାହାର କରାଯାଇଛି। ମୃତକ ହେଲେ ଭୂରଷାଣି ଅଞ୍ଚଳର ଲିପୁନ ପାତ୍ର(୩୩)। ସୂଚନା ଅନୁଯାୟୀ, ଲିପୁନ ସକାଳେ ବାଇକ୍‌ରେ କାଶିଆବେଡ଼ାସ୍ଥିତ ତାଙ୍କ ଭଉଣୀ ଘରୁ ଫେରିବା ସମୟରେ ଭାରସାମ୍ୟ ହରାଇ ପୁନାସିଆ ନିକଟସ୍ଥ କେନାଲ ବନ୍ଧ ତଳକୁ ବାଇକ୍ ସହ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେଖି ଅନେକ ଚେଷ୍ଟା କରି ମଧ ତାଙ୍କୁ ଉଦ୍ଧାର କରି ନ ପାରି ପୋଲିସକୁ ଜଣାଇଥିଲେ। ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସାରସକଣା ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ବାଇକ୍ ସହ ଲିପୁନଙ୍କ ମୃତଦେହ କେନାଲରୁ ବାହାର କରିଥିଲା। ଏନେଇ ଖାରପୋଖରିଆ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୮୬/୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଛି।

### ମୃତଦେହ ଜବତ

# ସତ୍ୟନାରାୟଣ ବିଦ୍ୟାପୀଠ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ



ମଞ୍ଚରେ ଉପସ୍ଥିତ ଅତିଥିମାନେ।

**ଢେଙ୍କିକୋଟ,୧୧।୧୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଢେଙ୍କିକୋଟସ୍ଥିତ ସତ୍ୟନାରାୟଣ ବିଦ୍ୟପୀଠ ହାଇସ୍କୁଲର ସୁବର୍ଣ୍ଣଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝରର ପୂର୍ବତନ ସାଂସଦ ତଥା ବର୍ତ୍ତମାନର ଅନୁସୂଚିତ ଜନଜାତି ଆୟୋଗର ସଦସ୍ୟ ଅନନ୍ତ ନାୟକ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମଲୋଚନ ସାହୁ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାଗିରଥୀ ନାୟକ ଯୋଗଦେଇଥିଲେ। ଅବସରପ୍ରାପ୍ତ ସ୍ୱୟଂଶାସିତ ମହାବିଦ୍ୟାଳୟ କରଞ୍ଜିଆର ଅଧକ୍ଷ ଭାଗିରଥୀ ପୃଷ୍ଟି, ଘଟଗାଁ ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ଅଧକ୍ଷ ରଞ୍ଜନ ପଣ୍ଡା, ବିଦ୍ୟାଳୟର ପ୍ରଧାନଶିକ୍ଷକ ଫକିରଚରଣ ସାହୁ, ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ପ୍ରଫୁଲ୍ଲ ସିଂହ ଓ ସମ୍ପାଦକ ରାମଚନ୍ଦ୍ର ସାହୁ ଅତିଥିମାନଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ପ୍ରଫୁଲ୍ଲ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଟୋଲ୍ ଗେଟ୍‌ରେ ଆକ୍ରମଣ ଘଟଣା: ଥାନାରେ ଅଭିଯୋଗ

**ଯୋଡ଼ା,୧୧।୧୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କଣ୍ଡରା ଟୋଲ ଗେଟ୍‌ରେ ଶୁକ୍ରବାର ଗଣ୍ଡଗୋଳ ଘଟଣାରେ ଥାନାରେ ଅଭିଯୋଗ ହୋଇଛି। ଏନେଇ ପାଟ୍ରୋଲିଂ ଟିମ୍ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଏନଏଚଏଆଇ ବିଭାଗର କଣ୍ଟ୍ରୋଲ ରୁମ ଅଧିକାରୀ ଅମ୍ରି ପଲେଇ, ରୋଡ ପାଟ୍ରୋଲିଂ ଅଧିକାରୀ ଚାଟାର୍ଜୀ ମୁଣ୍ଡା, ସୁପରଭାଇଜର ଅନିଲ ଖିଲାର, ଡ୍ରାଇଭର ହେମନ୍ତ ମହାନ୍ତ ପ୍ରମୁଖ ପାଟ୍ରୋଲିଂ କରୁଥିବା ସମୟରେ କଣ୍ଡରା ଟୋଲ ଗେଟ୍‌ରେ ଟୋଲ କର୍ମଚାରୀ ମାନେ ଛାଡ଼ି ନ ଥିଲେ। ଉକ୍ତ ଗାଡ଼ି ଏନଏଚଏଆଇ ଅଧୀନ ଗାଡ଼ି ହୋଇଥିବାରୁ ଏହା ଟୋଲ୍ ଦେୟ ମୁକ୍ତ ବୋଲି ଅଧିକାରୀମାନେ କହିଥିଲେ। ତଥାପି ଟୋଲ କର୍ମଚାରୀମାନେ ଛାଡ଼ି ନ ଥିଲେ। ଏହାକୁ କେନ୍ଦ୍ର କରି ଝଗଡ଼ା ହୋଇଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com


@ଶ୍ରୀୟାଂଶୀ


@ଆଶିଷ


@ସୁନୀତା


@ସୂର୍ଯ୍ୟକାନ୍ତ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ପଦ୍ମପୁର,୧୧।୧୨(ଡି.ଏନ.ଏ.)**

ବଧୂହତ୍ୟା ଅଭିଯୋଗରେ ଭଦ୍ରକ ସଦର ବ୍ଲକ ଅଧୀନ ବେନ୍ତାଳ ପଞ୍ଚାୟତ ହରିଶଙ୍କରପୁର ଗ୍ରାମର ରୋହିତ ସେନାପତିଙ୍କୁ ସାବରଙ୍ଗ ଥାନା ପୋଲିସ ରବିବାର ଗିରଫ କରି କୋର୍ଟ ଚାଲାଣ କରିଛି। ମୃତ ମହିଳା ହେଲେ ଗ୍ରାମର ନିଶାକର ସେନାପତିଙ୍କ ଝିଅ ସସ୍ମିତା। ତାଙ୍କ ମା’ ଉର୍ମିଳା ଥାନାରେ ଅଭିଯୋଗ କରିଛନ୍ତି ଯେ, ୨୨ବର୍ଷ ତଳେ ତାଙ୍କ ଝିଅ ସହ ରୋହିତଙ୍କର ବିବାହ ହୋଇଥିଲା। ଗତ ୬ ତାରିଖରେ ତାଙ୍କ ଝିଅ ନିଆଁରେ ପୋଡ଼ିହୋଇ ଗୁରୁତର ଥିବା ସେ ଖବର ପାଇଥିଲେ। ସସ୍ମିତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଝିଅକୁ ଯୌତୁକ ନିର୍ଯାତନା ସହ ପରକୀୟା ପ୍ରୀତି ଯୋଗୁ ରୋହିତ ପୋଡ଼ି ମାରି ଦେଇଛନ୍ତି। ଏନେଇ ଥାନାରେ ମାମଲା (ନଂ.୧୯୮/୨୨) ରୁଜୁ କରାଯାଇଛି।

# ବେଆଇନ ବାଲି ପରିବହନ

**ଭଣ୍ଡାରିପୋଖରୀ, ୧୧।୧୨ (ସ୍ୱ.ପ୍ର.)**

### ଟ୍ରକ୍ ଜବତ, ଚାଳକ ଗିରଫ

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀରୁ ବାଲି ଚୋରା ଚାଲାଣ ଏବେ ନିତିଦିନିଆ ଘଟଣା ପାଲଟିଛି। ପୂର୍ବରୁ ନଦୀରେ ଥିବା ପ୍ରମୁଖ ବାଲି ଘାଟ ନିଲାମ ହେଉ ନ ଥିବା ଯୋଗୁ ଚୋରା ଚାଲାଣ ବୃଦ୍ଧି ପାଉଥିଲା। ଏବେ ସଇରାତ ନିଲାମ ସତ୍ତ୍ୱେ ଚୋରା ଚାଲାଣ ପୂର୍ବଭଳି ଜାରି ରହିଛି। ପ୍ରତ୍ୟେହ ଶତାଧିକ ଟ୍ରକ୍ ବାଲି ଉତ୍ତୋଳନ କରାଯାଇ ଚୋରା ଚାଲାଣ କରାଯାଉଛି। ରବିବାର ବେଆଇନ ବାଲି ପରିବହନ ବେଳେ ଭଣ୍ଡାରିପୋଖରୀ ଥାନା ପୋଲିସ ଏକ ଟ୍ରକ୍ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ହେଲେ ଯାଜପୁରର ସନ୍ତୋଷ ମଲ୍ଲିକ।

ସୂଚନା ଅନୁଯାୟୀ, ଏକ ବାଲି ବୋଝେଇ ଟ୍ରକ୍ ଆଖୁଆପଦା ପଟୁ ଭଦ୍ରକ ଅଭିମୁଖେ ଆସୁଥିବା ବେଳେ ଭଣ୍ଡାରିପୋଖରୀ ନିକଟରେ ପୋଲିସ ଅଟକାଇଥିଲା। ଗାଡ଼ିର କାଗଜପତ୍ର ଯାଞ୍ଚ ବେଳେ ବେଆଇନ ଭାବେ ବାଲି ପରିବହନ ହେଉଥିବା ଜଣାପଡ଼ିଥିଲା। ଥାନାଧିକାରୀ ଅମିତାଭ ଦାସଙ୍କ ନିର୍ଦ୍ଦେଶକ୍ରମେ ବାଲି ବୋଝେଇ ଟ୍ରକ୍‌କୁ ଜବତ କରାଯାଇଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୪୨୬/୨୨) ରୁଜୁ ହୋଇଛି।

**Government of Odisha**
**Skill Development and Technical Education Department**
**Directorate of Technical Education & Training, Odisha**
**At- Killamaidan, P.O.- Buxibazar, Cuttack- 753001**
**Phone No.0671 2301061, e-mail: dtetorissa@gmail.com**

**NOTICE INVITING REQUEST FOR PROPOSALS (RFP)**
**For Setup of CNC Machining Labs (Lot 1) and CNC Offline Simulation Labs (Lot 2) at 20 Govt. Polytechnics of Odisha**

**No.DTET/2022-23/15511** **Date: 08.12.2022**

No.KK-279:- The Directorate of Technical Education and Training, Odisha (DTE&T), intends to invite Technical and Financial Proposals through e-tender on MSTC e-procurement website (https://www.mstcecommerce.com/eproc) from the world's leading Original CNC Machines Manufacturing (OEM) companies to setup CNC Machining Labs (Lot 1) and CNC Offline Simulation Labs (Lot 2) at 20 Govt. Polytechnics of Odisha. The details of scope of work, eligibility criteria, terms & conditions and proposals submission details can be downloaded from the DTE&T, Odisha and MSTC websites (www.dtetodisha.gov.in and www.mstcecommerce.com/eproc) from 12th December, 2022. Any addendum / corrigendum (if required) will be uploaded at website mentioned above.

**Sd./- DTE&T, Odisha, Cuttack**
OIPR-14004/11/0011/2223

## ବୋଲେରୋ ଧକ୍କାରେ ଶିଶୁ ମୃତ

କେନ୍ଦୁଝର,(ସ୍ୱ.ପ୍ର): କେନ୍ଦୁଝର ସଦର ଥାନା ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତ କାର୍ଯ୍ୟାଳୟ ରାସ୍ତା ନିକଟରେ ଏକ ବୋଲେରୋ ଧକ୍କାରେ ଅଢ଼େଇ ଶିଶୁର ମୃତ୍ୟୁ ହୋଇଛି। ସ୍କୁଟିକୁ ଧକ୍କା ଦେବା ଫଳରେ ସେଥିରେ ବସିଥିବା ଶିଶୁ ତଳେ ପଡ଼ିଯାଇଥିଲା। ବୋଲେରୋ ତା ଉପରେ ଚଢ଼ିଯାଇଥିଲା। ମୃତ ଶିଶୁ ରାଇସୁଆଁ ଗ୍ରାମର ପପୁ ମନ୍ତ୍ରୀଙ୍କ ପୁତ୍ର ଅନିକେତ ମନ୍ତ୍ରୀ। ସ୍କୁଟି ଚଳାକ ରୋହିତ ମନ୍ତ୍ରୀ(୧୪) ଆହତ ହୋଇ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏନେଇ ସଦର ଥାନାରେ ନଂ(୫୦୪/୨୨) ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ଏସ୍‌ଆଇ କେଶବ ବାଗ କହିଛନ୍ତି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ଜିଲା ଛାତ୍ର କଂଗ୍ରେସ ତରଫରୁ ପୌର କାର୍ଯ୍ୟାଳୟ ଘେରାଉ, ସ୍ଥାନ: ପୌର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ସ୍କୁଲର ୧୦ତମ ବାର୍ଷିକ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍କୁଲ, ପଟାପୋଲ, ଚାନ୍ଦିପୁର ରୋଡ୍, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**

- ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ୪ର୍ଥ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

# ନବୀକରଣ ଲାଗି ଖର୍ଚ୍ଚ ହେବ ୨.୫ କୋଟି

## ଜଳେଶ୍ୱର ରେଳଷ୍ଟେଶନ

**ଜଳେଶ୍ୱର, ୧୧।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱରର ନୂତନ ରେଳଷ୍ଟେଶନ ନିର୍ମାଣ ହେବା ପୂର୍ବରୁ ଏବେ ପୁରୁଣା ଷ୍ଟେଶନର ନବୀକରଣ ଆରମ୍ଭ ହୋଇଛି । ଏଥିରେ ମୋଟ ୨.୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ରେଳବାଇ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ ଏହାର ନବୀକରଣ ପରେ ୩ନଂ. ରେଳପଥ, ମୁଖ୍ୟ ରେଳଷ୍ଟେଶନ ଓ ପ୍ରଶାସନିକ ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ପ୍ୟାନେଲ ବୋର୍ଡ କାର୍ଯ୍ୟ ୪ନଂ. ପ୍ଲାଟଫର୍ମ ନିକଟରେ ହେବ ବୋଲି ସୂଚନା ମିଳିଛି।

ଦକ୍ଷିଣପୂର୍ବ ରେଳପଥର ଖଡଗପୁର ଡିଭିଜନ୍ ଅନ୍ତର୍ଗତ ଜଳେଶ୍ୱର ରେଳଷ୍ଟେଶନ ବହୁ ପୁରୁଣା। ଏବେ ଏଠାରୁ ପ୍ରତିବର୍ଷ ପ୍ରାୟ ୧୧ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇଥାଏ। ଏହି ରେଳଷ୍ଟେଶନ ଉପରେ ଉତ୍ତର ବାଲେଶ୍ୱର, ମୟୂରଭଞ୍ଜ ଓ ପଶ୍ଚିମବଙ୍ଗର ପ୍ରାୟ ୧୦ଲକ୍ଷ ଲୋକ ନିର୍ଭର କରିଥାନ୍ତି । ଏବେ ଏହାର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ ରେଳଷ୍ଟେଶନର କାର୍ ଓ ସାଇକେଲ ଷ୍ଟାଣ୍ଡ, ପାର୍କ, ର୍‍ୟାମ୍ପ, ଗମନାଗମନ ଲାଗି ରାସ୍ତା ନିର୍ମାଣରେ ପ୍ରାୟ ୨.୫କୋଟି ଟଙ୍କା ଖର୍ଚ୍ଚ ହେବ। ଏଣିକି କାର୍, ଟ୍ରେକର, ଟେମ୍ପୋ ଆଦି ଡ୍ରପ୍ ଜୋନରେ ଛାଡି ଅନ୍ୟତ୍ର ଯିବାକୁ ବାଧ ହେବ। ଷ୍ଟେଶନ ସମ୍ମୁଖରେ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ପାର୍କ, ନୂତନ ବୁକିଂ କାଉଣ୍ଟର, ଶୌଚାଳୟ ଆଦି ନିର୍ମାଣ ହେବ ବୋଲି ଜଣାପଡ଼ିଛି । ଚଳିତବର୍ଷ ଏସବୁ କାର୍ଯ୍ୟ ଶେଷ ହେବ ବୋଲି ରେଳବାଇର ମୁଖ୍ୟ ଇଞ୍ଜିନିୟର ସଞ୍ଜୟ ବାନାର୍ଜି, ଡିଆର୍‌ଏମ୍ ଏମ୍.ଏସ୍ ହାସମି, ସନିୟର ଡିସିଏମ୍ ରାଜେଶ କୁମାର, ସିନିୟର ଡିଇଏନ୍ ଏସ୍‌କେ ସୌରଭ ପ୍ରମୁଖ କହିଛନ୍ତି । ଫଳରେ ଜଳେଶ୍ୱର ରେଳଷ୍ଟେଶନର ସୌନ୍ଦର୍ଯ୍ୟକରଣ ହେବା ସହିତ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଦୂର ହେବା ସମ୍ପର୍କରେ ଷ୍ଟେଶନ ମ୍ୟାନେଜର ଖଗେନ୍ଦ୍ର ମଣ୍ଡଳ ସୂଚନା ଦେଇଛନ୍ତି ।



ଷ୍ଟେଶନ ପାର୍ଶ୍ୱସ୍ଥ ପାର୍କିଂସ୍ଥଳ।

# ଗଞ୍ଜାମ ୟୁନାଇଟେଡ୍ ଇଲେଭେନକୁ ହରାଇ ଝାଡ଼ଖଣ୍ଡ ଏକାଦଶ ବିଜୟୀ

## ବାବା ମୁକ୍ତେଶ୍ୱର ସର୍ବଭାରତୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ସୋର, ୧୧।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ବାବା ମୁକ୍ତେଶ୍ୱର କ୍ଲବ ଆନୁକୂଲ୍ୟରେ ମହୁମୁହାଣ ଗୋଠଣା ପଡ଼ିଆରେ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ କ୍ୱାଟର ଫାଇନାଲରେ ଗଞ୍ଜାମର ୟୁନାଇଟେଡ୍ ଇଲେଭେନକୁ ହରାଇ ଝାଡ଼ଖଣ୍ଡ ଇଲେଭେନ୍ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଝାଡ଼ଖଣ୍ଡ ଇଲେଭେନ୍ ଟସ୍ ଜିଣି ଫିଲିଡ଼ିଂ କରିବାକୁ ନିଷ୍ପତ୍ତି ନେଇଥିଲା। ୟୁନାଇଟେଡ୍ ଇଲେଭେନ ନିର୍ଦ୍ଧାରିତ ୨୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୮ରନ୍ କରିଥିଲା। ଏହାର ଜବାବରେ ୟୁନାଇଟେଡ୍ ଇଲେଭେନ ୨୦.୫ ଓଭରରେ ୫ ଉଇକେଟ ହରାଇ ୧୩୧ରନ୍ ସଂଗ୍ରହ କରି ବିଜୟଲାଭ କରିଥିଲା। ୟୁନାଇଟେଡ୍ ଇଲେଭେନ ରୋନି କୁମାର ୫୭ ବଲରେ ୫୭ ରନ କରି ଆଜିର ଖେଳରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ତାଙ୍କୁ ଶିକ୍ଷକ ପ୍ରଦ୍ୟୁମ୍ନ ପାଳ ପୁରସ୍କାର ପ୍ରଦାନ କରିଥିଲେ। ଅମ୍ପାୟାର ଭାବେ ପ୍ରତାପ ପାତ୍ର ଏବଂ ଅଶ୍ୱିନୀ ମହାପାତ୍ର ଏହି ଖେଳକୁ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ତନ୍ମୟ ପ୍ରଧାନ, ଯଦୁନାଥ ନାୟକ ଓ କୈଳାସ ପ୍ରଧାନ କାର୍ଯ୍ୟ ତୁଲାଇଥିଲେ। ସ୍କୋରର ଭାବେ ଗୋପୀନାଥ ପ୍ରଧାନ, ନରେଶ ନାୟକ ଓ ରାକେଶ ରାଉତ ଦାୟିତ୍ୱ ତୁଲାଇଥିଲେ। କ୍ଲବ ସଦସ୍ୟ କୈଳାସ ପ୍ରଧାନ, ଗୌରାଙ୍ଗ ବେହେରା, ବିଶ୍ୱରଞ୍ଜନ ପ୍ରଧାନ, ଅଶେଷ ପ୍ରଧାନ, ଅଗଣି ଜେନା, ରାଜା ବେହେରା, କମଳାକାନ୍ତ ମହାନ୍ତି, ବଳିଆ ଖୁଣ୍ଟିଆ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ। ସୋମବାର ପ୍ରଥମ ସେମିଫାଇନାଲ ପାରାମାଉଣ୍ଟ ସହିତ ଝାଡ଼ଖଣ୍ଡର ମୁକାବିଲା ହେବ।

# ରାଷ୍ଟ୍ର ଗଠନରେ ନାରୀର ପ୍ରମୁଖ ଭୂମିକା ରହିଛି

## ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ୨ୟ ସନ୍ଧ୍ୟା

ଭଦ୍ରକ ଅଫିସ, ୧୧।୧୨-ପରିବାର ଗଠନ ଦିଗରେ ଯେପରି ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ସେହିପରି ରାଷ୍ଟ୍ର ଗଠନରେ ମଧ ପ୍ରମୁଖ ଭୂମିକା ରହିଥିବା ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ୨ୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା କବୟିତ୍ରୀ ଅନ୍ନପୂର୍ଣ୍ଣା ଦାସଙ୍କ ସ୍ମୃତିରେ ସମର୍ପିତ ଏହି ସନ୍ଧ୍ୟାରେ ସାହିତ୍ୟିକା ଶାନ୍ତିଲତା ନାଗଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ମୁଖ୍ୟବକ୍ତା ଡ. ରାଧାରାଣୀ ମହାପାତ୍ର, ବରେଣ୍ୟ ବକ୍ତା ତେଜସ୍ୱିନୀ ମହିଳା ସଙ୍ଗଠନ ସଭାନେତ୍ରୀ କଳ୍ପନା ଜେନା, ସମ୍ପାଦିକା ସୁଶ୍ରୀ ଅଞ୍ଜନା ମିଶ୍ର, ଡା. ସତ୍ୟଭାମା ଦାସ, କବୟିତ୍ରୀ ଗୀତାରାଣୀ ଆଇଚ, ସାମାଜିକ କର୍ମୀ ଅଧିବକ୍ତା ଅମିତାବାଳା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ 'ରାଷ୍ଟ୍ର ଗଠନରେ ନାରୀ' ଶୀର୍ଷକରେ ମତ ରଖିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜାନକୀ ପାଢ଼ୀ ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ତଥା କବି ମନୋରମା ରାୟ ଅତିଥି ପରିଚୟ ପ୍ରଦାନ ଓ କବୟିତ୍ରୀ ଚୈତାଳି ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ। କମିଟି ସଭାପତି ଇଂ. ଅଭୟ ସୂତାର, ଆବାହକ ନୀହାର ରଞ୍ଜନ କର, ସମ୍ପାଦକ ରବିନାରାୟଣ ଖିଲାର, କୋଷାଧକ୍ଷ ଆଶିଷ ଅମିତାଭ ମହାପାତ୍ର, ସଙ୍ଗଠନ ସମ୍ପାଦକ ନାଟ୍ୟଶ୍ରୀ ନିର୍ମଳ ରାଉତ, କବୟିତ୍ରୀ ସୁମିତ୍ରା ପାଣି, ସୁପ୍ରଭା ପାଣି, କବି ବାବୁଲାଲ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ବିଧାୟିକାଙ୍କ ଦ୍ୱାରା ପ୍ରକଳ୍ପ ଭିତ୍ତିପ୍ରସ୍ତର



ବିଧାୟିକା ଭିତ୍ତିପ୍ରସ୍ତର ଉନ୍ମୋଚନ କରୁଛନ୍ତି।

**ଚମ୍ପୁଆ, ୧୧।୧୨(ଡି.ଏନ୍.ଏ)**

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ସରେଇ ପଞ୍ଚାୟତର କେଶରିକୁଣ୍ଡଠାରେ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ଦ୍ୱାରା ସଂଯୋଗୀକରଣ ରାସ୍ତା ଓ ଯାନ ବାହାନ ରହଣିସ୍ଥଳୀ ନିର୍ମାଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଓଡ଼ିଶା ସରକାରଙ୍କ ନିର୍ମାଣ ବିଭାଗ ତଥା ରାଜ୍ୟ ପର୍ଯ୍ୟଟନ ବିକାଶ ଅଧୀନରେ ଏହି ଉନ୍ନତିକରଣ କରାଯାଉଛି। ପ୍ରାୟ ୨୦ଲକ୍ଷ ବ୍ୟୟ ଅଟକଳରେ ଏହି କାର୍ଯ୍ୟ କରାଯିବ ବୋଲି ଜଣାଯାଇଛି। ଏହା ସହିତ ଆବଶ୍ୟକ ଉନ୍ନତିମୂଳକ କାର୍ଯ୍ୟ ପର୍ଯ୍ୟାକ୍ରମରେ କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରାଯିବ ବୋଲି ଉପସ୍ଥିତ ଅଧିକାରୀମାନେ ମତ ଦେଇଛନ୍ତି। କାର୍ଯ୍ୟକ୍ରମରେ ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଇଞ୍ଜିନିୟର ସନ୍ତୋଷ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ବୁଧିଆ ମାରାଣ୍ଡି, ଯନ୍ତ୍ରୀ ହରେକୃଷ୍ଣ ପାତ୍ର, ସ୍ଥାନୀୟ ସରପଞ୍ଚ ଶୁସାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ୨୦୦୮ ମସିହାରେ ପର୍ଯ୍ୟଟନସ୍ଥଳିର ମାନ୍ୟତା ପାଇଥିଲେ ମଧ ଏହି କେଶରିକୁଣ୍ଡର ଉନ୍ନତି ସେପରି ହୋଇପାରିନାହିଁ।

# ଦୁର୍ଘଟଣାରେ ୪ ଆହତ

**ସୋର, ୧୧।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଚଡକମରା ନିକଟରେ ଏକ ଇନୋଭା କାର୍ ସହିତ ଟ୍ରକ ମୁହାଁମୁହିଁ ଧକ୍କା ହେବା ଫଳରେ କାର୍ ଡ୍ରାଇଭରଙ୍କ ସମେତ ୪ଜଣ ଆହତ ହୋଇ ସୋର ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। କୋଲକାତା ଓଏନଜିସିରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଦିଲ୍ଲୀର ଡି.ସି ପନ୍ଥ ଅପରାହ୍ନରେ ତାଙ୍କ ସ୍ତ୍ରୀ ଜ୍ୟୋତି ପନ୍ଥ ଏବଂ ଝିଅ ସହ ଏକ କାର୍‌ରେ ଭୁବନେଶ୍ୱରରୁ କାମ ସାରି କୋଲକାତା ଫେରୁଥିବା ବେଳେ ଏହି ଚଡ଼କମରା ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ କାର ଡ୍ରାଇଭରଙ୍କ ସମେତ ପନ୍ଥଙ୍କ ସମେତ ସ୍ତ୍ରୀ ଏବଂ ଝିଅ ଆହତ ହୋଇଥିଲେ। ହାଇୱେ ପାଟ୍ରୋଲିଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଆହତଙ୍କୁ ସୋର ମେଡ଼ିକାଲରେ ଭର୍ତ୍ତି କରିବା ସହିତ ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିଦୁଇଟିକୁ ଜବତ କରି ଥାନାକୁ ଆଣିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ଅପରପକ୍ଷରେ ୩ଆହତଙ୍କୁ ସୋର ମେଡିକାଲ ଡାକ୍ତର ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି।

# ଖୁଣ୍ଟା ପ୍ରିମିୟର ଲିଗ୍: ଧାନଘେରା ସୁପରକିଙ୍ଗ ଚାମ୍ପିୟନ

**ଖୁଣ୍ଟା, ୧୧।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଖୁଣ୍ଟା ପ୍ରିମିୟର ଲିଗ୍ (କେପିଏଲ୍)ର ୮ମ ସଂସ୍କରଣ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ୧୧ ଦିନ ବ୍ୟାପୀ ଏହି ଟୁର୍ନାମେଣ୍ଟରେ ଖୁଣ୍ଟା ଜାଗୁଆର, ଧାନଘେରା ସୁପରକିଙ୍ଗ୍, ମା' ତାରିଣୀ ସୁପରଷ୍ଟାର, କେ ପି ୱାରିୟର, କ୍ରେଜି ଏକାଦଶ ଓ ବିଏସ୍‌ଏଫ୍ ଫାଇଟର ମୋଟ ୬ ଟିମ୍ ଅଂଶଗ୍ରହଣ କରିଥିଲେ। ଧାନଘେରା ସୁପରକିଙ୍ଗ୍ ଓ ମା' ତାରିଣୀ ସୁପରଷ୍ଟାର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ମା' ତାରିଣୀ ଟିମ୍ ଟସ ଜିଣି ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲା। ୨୦ ଓଭର ମ୍ୟାଚ୍‌ରେ ଧାନଘେରା ଟିମ୍ ୧୯.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୪୯ ରନ୍ କରିଥିଲା। ମା' ତାରିଣୀ ଟିମ୍ ୧୯.୫ ଓଭରରେ ସମସ୍ତ ଉଇକେଟ ହରାଇ ୧୨୬ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା। ଧାନଘେରା ସୁପରକିଙ୍ଗ୍ ୨୩ ରନ୍‌ରେ ବିଜୟୀ ହୋଇ ଟୁର୍ନାମେଣ୍ଟର ଚାମ୍ପିୟନ ହୋଇଥିଲା।

ପୁରସ୍କାର ବିତରଣ ଉତ୍ସବରେ ଅତିଥି ରୂପେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଦେବାଶିଷ ମାରାଣ୍ଡି, ମୟୂରଭଞ୍ଜ ଜିଲା ପରିଷଦ ଅଧକ୍ଷା ଭାରତୀ ହାଁସଦା, ପ୍ରଭାତ ନାଏକ, ଟୁର୍ନାମେଣ୍ଟର ପ୍ରାୟୋଜକ ଦଣ୍ଡପାଟ ଇଲେକ୍ଟ୍ରୋନିକ୍ସ, ହିମାଂଶୁ ଶେଖର ବେହେରା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ଦିପକ ବେହେରା, ମ୍ୟାନ ଅଫ୍ ଦି ସିରିଜ ଏବଂ ଶ୍ରେଷ୍ଠ ବୋଲର ଭାବେ ସଙ୍ଗମ ସାହୁ, ଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନ ରୂପେ ଭବେଶ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା।




ଅତିଥିଙ୍କ ଗହଣରେ ପୁରସ୍କୃତ ଚାମ୍ପିୟନ ଟିମ୍।

# ପଥରଶିଳ୍ପୀଙ୍କ ମୃତ୍ୟୁ ନେଇ ଶୋକ

ବାହାନଗା, ୧୧।୧୨(ଡି.ଏନ.ଏ.)-ବାଲେଶ୍ୱର ଜିଲା ବାହାନଗା ବ୍ଲକ ଷଠୀ ଅଞ୍ଚଳସ୍ଥିତ ପୁରାଣ ଗ୍ରାମର ଜଣେ ପଥରଶିଳ୍ପୀ ସୁଶାନ୍ତ ନାୟକ(୩୫)ଙ୍କ ମୃତ୍ୟୁ ଘଟିଛି। ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ସୁଶାନ୍ତ ଗୁଜରାଟରେ ରହି ପଥରଶିଳ୍ପୀ ଭାବେ କାର୍ଯ୍ୟ କରିଆସୁଥିଲେ । ସେ ପଥରରେ ନିର୍ମାଣ କରୁଥିବା ଠାକୁର ସମେତ ବିଭିନ୍ନ କାରୁକାର୍ଯ୍ୟ ଗୁଜରାଟ ସମେତ ବିଭିନ୍ନ ରାଜ୍ୟ ସମେତ ଦେଶବିଦେଶରେ ସୁନାମ ଅର୍ଜନ କରିଥିଲା। ଫଳରେ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ସେ ଫୁସଫୁସ୍ ରୋଗରେ ଆକ୍ରାନ୍ତ ହୋଇଥିଲେ। ସେହିଦିନଠାରୁ ସେ ଘରେ ରହି ଔଷଧ ଖାଇବା ସହିତ ଚିକିତ୍ସା ହୋଇଥିଲେ। ମାତ୍ର ଶନିବାର ସକାଳେ ଘରେ ଥିବା ବେଳେ ତାଙ୍କ ଦେହ ହଠାତ୍ ଖରାପ ହେବାରୁ ତାଙ୍କୁ ପରିବାର ଲୋକମାନେ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଆସିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# 'ଶିକ୍ଷାର୍ଥୀଙ୍କ ଭବିଷ୍ୟତ ଲାଗି ଗବେଷଣା ଆବଶ୍ୟକ'




ସେମିନାରରେ ଉପସ୍ଥିତ ଅତିଥି।

**ଖଇରା, ୧୧।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ମହାବିଦ୍ୟାଳୟ ଶିକ୍ଷା ବିଭାଗ ତରଫରୁ ୧୦ତାରିଖରେ ଏକ ସେମିନାର ଓ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ଅରୁଣ କୁମାର ପାଢୀ ଏଥିରେ ପୌରୋହିତ୍ୟ କରିଥିଲେ। 'ଉଚ୍ଚଶିକ୍ଷା କ୍ଷେତ୍ରରେ ଗବେଷଣାର ଆବଶ୍ୟକତା ଓ ଗୁରୁତ୍ୱ' ଉପରେ ବିଶିଷ୍ଟ ଗବେଷକ ତଥା ସିମୁଳିଆ ମହାବିଦ୍ୟାଳୟର ବିଭାଗୀୟ ମୁଖ୍ୟ ଡଃ ଦିଲୀପ କୁମାର ପାତ୍ର ସାରଗର୍ଭକ ଭାଷଣ ଉପସ୍ଥାପନ କରିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷାର୍ଥୀମାନଙ୍କର ଭବିଷ୍ୟତ ଗଠନ ପାଇଁ ଗବେଷଣାର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ପ୍ରାଧାପକ ପାତ୍ର ଉଲ୍ଲେଖ କରିଥିଲେ । ଖଇରା ମହାବିଦ୍ୟାଳୟ ବିଭାଗୀୟ ମୁଖ୍ୟ ହରିହର ପାଣିଗ୍ରାହୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅନ୍ୟତମ ପ୍ରାଧାପକ କମଳାକାନ୍ତ ପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପରୋକ୍ତ ପ୍ରାଧାପକଙ୍କ ସହିତ ନବନିଯୁକ୍ତ ଅଧାପିକା ଜୟଶ୍ରୀ ମହାନ୍ତି ସନ୍ଦର୍ଭ ପାଠ କରିଥିଲେ । ପରେ ଯୁକ୍ତ ୩ ଶିକ୍ଷା ସମ୍ମାନ ୨ୟ ଓ ୩ୟ ବର୍ଷର ଛାତ୍ରୀଛାତ୍ରୀ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଯୁକ୍ତ ୩ ଶେଷବର୍ଷ ଛାତ୍ରୀ ଲୋପାମୁଦ୍ରା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରକ୍ ଧକ୍କାରେ ପୂଜକଙ୍କ ମୃତ୍ୟୁ

**ଯୋଡ଼ା, ୧୧।୧୨(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ କାରଣ ସାହି ପେଟ୍ରୋଲ ପମ୍ପଠାରେ ରବିବାର ଏକ ଟ୍ରକ୍ ଧକ୍କାରେ ଜଣେ ମନ୍ଦିର ପୂଜକଙ୍କ ମୃତ୍ୟୁ ହୋଇଛି। ବ୍ୟକ୍ତି ଜଣକ ହେଲେ ବିଷ୍ଣୁ ମୋହନ ପାଢ଼ୀ(୬୭)। ସେ ବିଲେଇପଦା ସ୍ଥିତ ଟାଟା ଷ୍ଟିଲ ଲଂ ପ୍ରଡକ୍ଟ କମ୍ପାନୀ କଲୋନୀରେ ରହି ସ୍ଥାନୀୟ ମନ୍ଦିରରେ ପୂଜା କରୁଥିଲେ। ୫୨୦ ନଂ ଜାତୀୟ ରାଜପଥରରେ ଯାଉଥିବା ବେଳେ ବିପରିତ ଦିଗରୁ ଆସୁଥିବା ଏକ ଟ୍ରକ ଧକ୍କା ଦେଇଥିଲା। ଟ୍ରକ୍ ଡ୍ରାଇଭର ଫେରାର ହୋଇଥିବା ବେଳେ ପୋଲିସ ଟ୍ରକକୁ ଜବତ କରି ତଦନ୍ତ ଆରମ୍ଭ କରିଛି।

# ଷ୍ଟେଶନ ପ୍ରିମିୟର ଲିଗ୍: ନିଲାମ ହେଲେ ୧୧୫ ଖେଳାଳି

**ବାଙ୍ଗିରିପୋଷି, ୧୧।୧୨(ଡି.ଏନ.ଏ)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଷ୍ଟେଶନ କ୍ରିକେଟ୍ କ୍ଲବ ପକ୍ଷରୁ ଆୟୋଜିତ ହେଉଥିବା ଷ୍ଟେଶନ ପ୍ରିମିୟର ଲିଗର ୨ ୟ ସଂସ୍କରଣ ନିମନ୍ତେ ଖେଳାଳି ନିଲାମ ପ୍ରକ୍ରିୟା ଶେଷ ହୋଇଛି। ନିଲାମୀରେ ୧୪୦ ଜଣ ଖେଳାଳି ଆବେଦନ କରିଥିବା ବେଳେ ୧୧୫ ଜଣଙ୍କୁ ୬ ଟି ଫ୍ରାଞ୍ଚାଇଜି କିଣିଛନ୍ତି। ଆସନ୍ତା ୨୧ ତାରିଖରୁ ବାଙ୍ଗିରିପୋଷି ମିନିଷ୍ଟାଡ଼ିୟ, ଷ୍ଟେସନ ବଜାର ଖେଳପଡ଼ିଆରେ ଆରମ୍ଭ ହେବ। ବିଜୟ ଦଳକୁ ନଗଦ ୪୫ ହଜାର ଶହ ଟ୍ରଫି ଏବଂ ରନର୍ସ ଦଳକୁ ନଗଦ ୩୫ ହଜାର ଶହ ଟ୍ରଫି ପଦାନ କରାଯିବାର ବ୍ୟବସ୍ଥା ହୋଇଥିବା ବେଳେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ଖେଳାଳିଙ୍କୁ ପରସ୍କୃତ କରାଯିବ ବୋଲି ପରିଚାଳନା କିମିଟି ପକ୍ଷରୁ ସୂଚନା ମିଳିଛି। କ୍ରିକେଟ୍ ଲିଗ୍‌ରେ ଟାଇଗର ୱାରିଅର୍ସ, ଟି.କେ.ୱେଲ ୧୧, ଜଗା୧୧, ଅରବିନ୍ଦ ଷ୍ଟାର ବାଙ୍ଗିରିପୋଷି, ବାଙ୍ଗିରିପୋଷି ସୁପର ଜ୍ୟାଣ୍ଟସ ଏବଂ ସତ୍ୟମ ଷ୍ଟାର ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ସିପି ମହାନ୍ତି, ସମ ମହାନ୍ତି, ଲାଲଟୁ ଦାସ, ମଣ୍ଟୁ ଧୋଳ, କାଳିଆ ନାଏକ, ଦାସମାତ ମୁର୍ମୁ, ଓମପ୍ରକାଶ ସାହୁ, ବାଦଲ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଛାତ୍ରୀଛାତ୍ର ପାଠପଢ଼ା ସହ କ୍ରୀଡ଼ା ପ୍ରତି ରୁଚି ରଖିବାକୁ ପରାମର୍ଶ

**ଧାମନଗର, ୧୧।୧୨ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଦିହୁଡ଼ି ଆନନ୍ଦପୁର ପଞ୍ଚାୟତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଶିକ୍ଷାବିତ୍ ଦଧିବାବନ ମିଶ୍ର କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ନରେନ୍ଦ୍ର ଦାଶ, ଭାଗବତ ସାହୁ ଓ କୁଳମଣି ଶତପଥୀ ଯୋଗଦେଇ ଛାତ୍ରୀଛାତ୍ର ପାଠପଢ଼ା ସହ କ୍ରୀଡ଼ା ପ୍ରତି ରୁଚି ରଖିବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ନିରାକାର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଭୟ ବାଳିକା ଓ ବାଳକ ବିଭାଗରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା। ୩୦୦ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିବା ବେଳେ ୧୩୨ଜଣ କୃତିତ୍ୱ ହାସଲ କରିଛନ୍ତି। ଗୁରୁମା ଗୁରୁଜୀ ଅଶୋକ ଶତପଥୀ, ହରିହର ପାତ୍ର, ମନୋଜ ଜେନା, ପ୍ରକାଶ ଯେନା, ବିନୋଦ ଦାସ, ହରିବଲ୍ଲଭ କବି, ଲଳିତା ମିଶ୍ର, ପ୍ରତିଭା ପାଣିଗ୍ରାହୀ, ଗୀତା ପରିଡ଼ା, ସୁପ୍ରଭା ନାୟକ, ଇତିଶ୍ରୀ ମିଶ୍ର, ବର୍ଷା ପଣ୍ଡା, ମନୋରମା ନାୟକ, ସସ୍ମିତା କର, ଦୀପ୍ତି ବେହେରା, ମଧୁସ୍ମିତା କର ପ୍ରମୁଖ ପରିଚାଳନା କରିଥିଲେ।



କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରାଯାଉଛି।

# ସାଂସ୍କୃତିକ ସନ୍ଧ୍ୟାରେ ଝୁମିଲେ ଦର୍ଶକ



ସାଂସ୍କୃତିକ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ପରିବେଷଣ।

## ଦ୍ରୌପଦୀଦେବୀ ସମ୍ମାନ ସମାରୋହ

**ବଡ଼ବିଲ, ୧୧।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଟାଉନହଲଠାରେ ଶନିବାର ୧୫ତମ ଦ୍ରୌପଦୀଦେବୀ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଦ୍ରୌପଦୀଦେବୀ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଆୟୋଜିତ ଏହି ସାଂସ୍କୃତିକ ସନ୍ଧ୍ୟାରେ ଦର୍ଶକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଥିଲେ। ଅନୁଷ୍ଠିତ ସଭାରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡି ମୁମ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରବୀ ମୀନାକ୍ଷୀ ବେହେରା, ହିନ୍ଦୁସ୍ତାନୀ ତଥା ଓଡ଼ିଶୀ ସଙ୍ଗୀତଜ୍ଞ ଗୁରୁ ସଙ୍ଗୀତା ପଣ୍ଡା, ବିଶିଷ୍ଟ ମାର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଏବଂ ପୁରୀ ତହସିଲଦାର କ୍ଷୀରୋଦ ବେହେରାଙ୍କୁ ୨୦୨୨-ଦ୍ରୌପଦୀଦେବୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଅଧକ୍ଷା ନଳିନୀ ଅଗ୍ରୱାଲଙ୍କ ଦ୍ୱାରା ପରିଚାଳିତ ଅନୁଷ୍ଠାନର ମୁଖ୍ୟ ସଞ୍ଚାଳକ ମନୋଜ ସାହୁ ଅନୁଷ୍ଠାନର ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ସମାରୋହରେ ଅନୁଷ୍ଠାନର ସଙ୍ଗୀତଜ୍ଞ ଦୁର୍ଗା ମାଧବ କର ମଞ୍ଚ ପରିଚାଳନା କରିଥିଲେ।

# 'ଶରୀର, ମନ ସୁସ୍ଥ ରଖେ ପ୍ରାତଃ ଭ୍ରମଣ'

## ୱାକର କ୍ଲବ୍‌ର ବାର୍ଷିକୋତ୍ସବ

**କେନ୍ଦୁଝର, ୧୧।୧୨ (ସ୍ୱ.ପ୍ର./ଡି.ଏନ୍.ଏ)**

କେନ୍ଦୁଝରରେ ଥିବା ସକାଳ ପଥଚାରୀଙ୍କୁ ନେଇ ଗଠିତ ମା' ତାରିଣୀ ୱାକର କ୍ଲବ୍‌ର ବାର୍ଷିକୋତ୍ସବ ବଣିଆପାଟସ୍ଥିତ କ୍ଲବ୍ ପରିସରରେ ପାଳିତ ହୋଇଯାଇଛି। ଅବସର ପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ତଥା କ୍ଲବ୍‌ର ସଭାପତି ଡା. ପ୍ରଫୁଲ୍ଲଚନ୍ଦ୍ର ଦାସଙ୍କ ଅଧକ୍ଷତା ବରିଷ୍ଠ ସଦସ୍ୟ ସୁଶୀଲ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିବଂଗତ ସାଥିଙ୍କ ପାଇଁ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି ଯୋଗଦେଇ ପ୍ରତ୍ୟେକ ଦିନ ପ୍ରାତଃ ଭ୍ରମଣ କଲେ ମନ ଓ ଶରୀର ସୁସ୍ଥ ରହିଥାଏ। ଫଳରେ ପ୍ରାତଃ ଭ୍ରମଣ ଦ୍ୱାରା ଜଣେ ନିରୋଗୀ ରହିପାରିବ। ମୁଖ୍ୟ ବକ୍ତା ଭାବେ ୱାକର କେଶବ ଚନ୍ଦ୍ର ଦାସ, ମୁଖ୍ୟ ଅତିଥି ଭାବେ ୱାକର କ୍ଲବ ୧୦୪ ଗଭର୍ନର ପ୍ରଦୀପ୍ତ ମହାରଣା, ଅନ୍ୟତମ ଅତିଥି ଭାବେ ଏକାମ୍ର ୱାକର କ୍ଲବ୍‌ର ସୁବାଶଚନ୍ଦ୍ର ପାଣିଗ୍ରାହୀ, କ୍ଲବର ସାଧାରଣ ସମ୍ପାଦକ ଅଧାପକ ବିଦ୍ୟାଧର ଚୌଧୁରୀ, ଉପସଭାପତି ପ୍ରଶାନ୍ତ ସ୍ୱାଇଁ ମଞ୍ଚରେ ଉପସ୍ଥିତ ଥିଲେ। କ୍ଲବ୍‌ର ସାଧାରଣ ସମ୍ପାଦକ ବିଦ୍ୟାଧର ଚୌଧୁରୀ କ୍ଲବର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସତ୍ୟଜିତ ସାମନ୍ତରାୟ ମଞ୍ଚ ପରିଚାଳନା କରିଥିଲେ। ସାହିତ୍ୟ ଅଧାପକ ତଥା କବି ସୁଧାକର ଦାଶଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଜନ୍ମେଞ୍ଜୟ ଦାସ, ଭାଗିରଥି ହେମ୍ବ୍ରମ, ଛବିନ୍ଦ୍ର ସାହୁ, ଭାଗିରଥି ସାହୁ, ଜିତେନ୍ଦ୍ର ଦାସ, ବିବେକାନନ୍ଦ ମାଇତି, ଆର୍ତ୍ତତ୍ରାଣ ସାହୁ, ବରଦା ଦାସ ଓ ବହୁ ପ୍ରାତଃଭ୍ରମଣ ପଥଚାରୀମାନେ ଉପସ୍ଥିତ ଥିଲେ।

## ଡିବିରିରୁ ନିଆଁ ଲାଗି ଗୁରୁତର ମହିଳାଙ୍କ ମୃତ୍ୟୁ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ଅଙ୍କୁରା ଗ୍ରାମ ତଳ ସାହିରେ ଗତ ବୁଧବାର ରାତିରେ ଡିବିରିରୁ ନିଆଁ ଲାଗି ଗୁରୁତର ହୋଇଥିବା ସୁଲୋଚନା ମୁଣ୍ଡା(୩୩)ଙ୍କ ମୃତ୍ୟୁ ଘଟିଛି। କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଶନିବାର ମୃତ୍ୟୁ ହୋଇଥିବା ତାଙ୍କ ପୁଅ ଦୀପକ ମୁଣ୍ଡା ସୂଚନା ଦେଇଛନ୍ତି। ତାଙ୍କ ଶରୀରର ୮୦ପ୍ରତିଶତ ପୋଡ଼ି ଯାଇଥିବା ସେତେବେଳେ ଚିକିତ୍ସା କରିଥିବା ପାଟଣା ଡା. ଶୁଭେନ୍ଦୁ ସାଗର ନାଏକ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଲଜ୍‌ରୁ ମୃତଦେହ ଜବତ

ବାଲେଶ୍ୱର ଅଫିସ, ୧୧।୧୨- ବାଲେଶ୍ୱର ଟାଉନ ଥାନା ଅଧୀନ ମୋତିଗଞ୍ଜ ବଜାରରେ ଥିବା ତାଜ ଲଜ୍‌ରୁ ଜଣେ ଯୁବକଙ୍କ ମୃତଦେହ ପୋଲିସ ଜବତ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୮୬/୨୨) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ ହୋଇଛି। ମୃତ ଯୁବକ ହେଲେ ସୁଏଲପୁର ଅଞ୍ଚଳର ରାଜ କୁମାର ଶର୍ମା (୪୪)।

ସୁଏଲପୁର ଅଞ୍ଚଳର ରାଜ କୁମାର ଶର୍ମା ତାଙ୍କ ସ୍ତ୍ରୀଙ୍କ ଦେହାନ୍ତ ପରେ ମାନସିକ ଅବସାଦ ମଧ୍ୟରେ ରହୁଥିଲେ। ସେ ନିଜର ଦୁଇଝିଅଙ୍କୁ ଶାଳକଙ୍କ ଘରେ ରଖି ଏକାକୀ ଜୀବନ ଅତିବାହିତ କରୁଥିଲେ। ଗତ କିଛି ମାସ ହେବ ସେ ତାଜ ଲଜ୍‌ର ୧୦୩ନମ୍ବର ରୁମ୍‌ରେ ରହିଆସୁଥିଲେ। ଗତ ଶନିବାର ରୁମ୍‌ରୁ ନ ବାହାରିବାରୁ ହୋଟେଲର କର୍ମଚାରୀମାନେ ସନ୍ଦେହ କରି ଝରକା କାଚ ଭାଙ୍ଗି ସେ ଖଟ ଉପରେ ଶୋଇଥିବା ଦେଖିଥିଲେ। ତାଙ୍କୁ ଯେତେ ଡାକିଲେ ବି ସେ କୌଣସି ଉତ୍ତର ନ ଦେବାରୁ ସନ୍ଦେହ ଉପୁଜିଥିଲା। ଘଟଣା ସମ୍ପର୍କରେ ଲଜ୍ ମାଲିକ ଟାଉନ ଥାନାରେ ଲିଖିତ ଭାବେ ଜଣାଇଥିଲେ। ପୋଲିସ ରବିବାର ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ରୁମ୍‌ର କବାଟ ଭାଙ୍ଗି ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ରୁମ୍ ଭିତରୁ କିଛି ଖାଲି ବିଦେଶୀ ମଦ ବୋତଲ ଓ ଆଧାର କାର୍ଡ଼ର ନକଲ ଜବତ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### ୨ ବଖରା ଜଳିଗଲା

ରୂପ୍‌ସା/ବସ୍ତା, ୧୧।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ବସ୍ତା ଥାନା ଦରଡ଼ା ପଞ୍ଚାୟତ ଅଧୀନ କୁଣ୍ଡେଇ ଗ୍ରାମରେ ଶନିବାର ରାତିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ନିତ୍ୟାନନ୍ଦ ଜେନାଙ୍କ ୨ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଚୁଲି ନିଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଘରର ସମସ୍ତ ଆସବାବପତ୍ର, ବାସନକୁସନ, ଲୁଗାପଟା ଓ ଘରକରଣା ସାମଗ୍ରୀ ଆଦି ପୋଡ଼ି ନଷ୍ଟ ହୋଇଯାଇଛି। ବସ୍ତା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବାର୍ଷିକୋତ୍ସବ

ଭଣ୍ଡାରିପୋଖରୀ, ୧୧।୧୨ (ସ୍ୱ.ପ୍ର.)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କହରାପୋଖରୀସ୍ଥିତ ସତ୍‌ସଙ୍ଗ ବିହାରଠାରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ବାର୍ଷିକ ଉତ୍ସବ ସହ ବଡ଼ ଦା ଙ୍କ ୫୦ତମ ଶୁଭ ଆଗମନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସଂଗୀତାଞ୍ଜଳି, ବିନତି ପ୍ରାର୍ଥନା, ସତ୍‌ସଙ୍ଗ ସହ ସଦା ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଧରଣୀଧର ସ୍ୱାଇଁ, ଅଭିମନ୍ୟୁ ଖଟୁଆ, ନୃସିଂହ ଶ୍ରୀଚନ୍ଦନ, କେଦାରନାଥ ମହାନ୍ତି, ପ୍ରତାପ କୁମାର ନାୟକ, ବିଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଠାକୁରଙ୍କ ଜୀବନାଦର୍ଶ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଧୁନିକ ଚାକଚକ୍ୟ ମଧ୍ୟରେ ପ୍ରଭାବିତ ହୋଇ ବିପଥଗାମୀ ହେଉଥିବା ଯୁବପିଢ଼ିଙ୍କୁ ଧର୍ମପଥରେ ଅଗ୍ରସର କରି ଏକ ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ ଦିଆଯାଇଛି। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳେଇ, ତହସିଲଦାର ସରୋଜକାନ୍ତ ନାୟକ, ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସରପଞ୍ଚ ବର୍ଷାରାଣୀ ଜେନା, ସମିତିସଭ୍ୟ ବିଷ୍ଣୁ ଚରଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନୁକୂଳ ଚନ୍ଦ୍ରଙ୍କ ଶତାଧିକ ଅନୁଗାମୀ ଓ ଶ୍ରଦ୍ଧାଳୁ ଉତ୍ସବରେ ସାମିଲ ହୋଇଥିଲେ।

### ସରପଞ୍ଚ ସଂଘ ଗଠିତ

ଗୋପବନ୍ଧୁନଗର, ୧୧।୧୨ (ଡି.ଏନ.ଏ.)- ପଞ୍ଚାୟତ ନିର୍ବାଚନର ୧୦ମାସ ପରେ ରବିବାର ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ବ୍ଲକରେ ସରପଞ୍ଚ ସଂଘ ଗଠିତ ହୋଇଛି। ଖୁଣ୍ଟା ବ୍ଲକସ୍ଥିତ ଟୁଙ୍କି ଜଳପ୍ରପାତଠାରେ ନବନିର୍ବାଚିତ ସରପଞ୍ଚମାନଙ୍କ ବନ୍ଧୁମିଳନ ଅବସରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଂଘର ସଭାପତି ଭାବେ ସାନଖୁଣ୍ଟା ପଞ୍ଚାୟତର ସରପଞ୍ଚ ସୁମି ହାଁସଦା, ସମ୍ପାଦକ ଶୀଳଘାଟିର ଖେଲା ହେମ୍ବ୍ରମ ଓ କୋଷାଧ୍ୟକ୍ଷ ଭାବେ ଆରପଟା ସରପଞ୍ଚ ସଞ୍ଜୟ ସିଂ ନିର୍ବାଚିତ ହୋଇଛନ୍ତି। ସାଇଁକୁଳା ସରପଞ୍ଚ ରବୀନ୍ଦ୍ର ସିଂ, ପୁରୁଣା ବାରିପଦା ପଞ୍ଚାୟତର ସରପଞ୍ଚ ଭୋଳାନାଥ ସିଂ, ପଶୁଦାର ନିମାଇଁ ସରେନ, କୁଶଳଦାର ଦୀପାଲି ସିଂ, ରାଣୀବନ୍ଧର ମମତା ଖଟୁଆ, ଟିଟିଆର ସୀତାମଣି ହେମ୍ବ୍ରମଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଉପସ୍ଥିତ ଥିଲେ।

# ସ୍ୱପ୍ନ ପାଲଟିଛି ଯାତ୍ରୀବାହୀ ଟ୍ରେନ୍ ଚଳାଚଳ

ନରେଶ ଚନ୍ଦ୍ର ପଟ୍ଟନାୟକ
କେନ୍ଦୁଝର, ୧୧।୧୨



ବଲାଣି ଖାଦାନ ରେଳ ଷ୍ଟେଶନ।

- ବଲାଣି ଖାଦାନ ରେଳଷ୍ଟେଶନକୁ ପୂରିଲା ୬୦ବର୍ଷ
- ରେଳୱେ କହୁଛି ଭିତ୍ତିଭୂମି ନାହିଁ

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ବଲାଣିସ୍ଥିତ ବଲାଣି ଖାଦାନ ଷ୍ଟେଶନ କାର୍ଯ୍ୟକ୍ଷମ ହେବାର ୬୦ ବର୍ଷ ଅତିକ୍ରମ କରିଛି। ଏକଦା ଖଣିଜ ପରିବହନ ନିମନ୍ତେ ପ୍ରତିଷ୍ଠା ହୋଇଥିବା ଉକ୍ତ ରେଳଷ୍ଟେଶନରେ ଯାତ୍ରୀବାହୀ ରେଳ ଚଳାଚଳ ନିମନ୍ତେ ବହୁ ବର୍ଷ ହେଲା ଦାବି ହୋଇଆସୁଛି। ମାତ୍ର ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଅଞ୍ଚଳବାସୀଙ୍କ ପାଇଁ ସ୍ୱପ୍ନ ପାଲଟିଛି। ରେଳ ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ବାହାନା ଦେଖାଇ ଗୋଟିଏ ବି ଯାତ୍ରୀବାହୀ ଟ୍ରେନ୍ ଚଳାଚଳ କରାଯାଇନାହିଁ। ଫଳରେ ଷ୍ଟେଶନ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ସେବାରେ ଆସୁ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

ଉକ୍ତ ରେଳଷ୍ଟେଶନ ୧୯୬୧ ମସିହାରେ ଲୁହାପଥର ପରିବହନ ପାଇଁ ଚକ୍ରଧରପୁର ଡିଭିଜନ ଅଧୀନରେ ପ୍ରତିଷ୍ଠା ହୋଇଥିଲା। ବିଶେଷ କରି ଉକ୍ତ ଅଞ୍ଚଳରେ ସରକାରଙ୍କ ଅଧୀନ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ (ସେଲ୍)ର ବଲାଣି ଲୌହ ଖଣି ରହିଛି। ଏହି ଖଣିରୁ ସେଲ ଅଧୀନ ବିଭିନ୍ନ କାରଖାନାକୁ ଲୁହାପଥର ପରିବହନ ହୋଇଥାଏ। ଏହି ଷ୍ଟେଶନ୍‌ରୁ ଯାତ୍ରୀମାନଙ୍କ ଯାତାୟାତ ପାଇଁ କୌଣସି ଟ୍ରେନ୍ ବ୍ୟବସ୍ଥା କରାଯାଇନାହିଁ। ଅଞ୍ଚଳର ଲୋକମାନଙ୍କୁ ରେଳରେ ଯିବା ଆସିବା ପାଇଁ ପ୍ରାୟ ୪୦ କିମି ବଡ଼ବିଲ ରେଳ ଷ୍ଟେଶନକୁ ଯିବାକୁ ପଡୁଛି। ସ୍ଥାନୀୟ ଲୋକମାନେ ବହୁ ବାର ଦାବି ଉପସ୍ଥାପନ କରିବା ସହ ଆନ୍ଦୋଳନ କରିଆସୁଛନ୍ତି। କିନ୍ତୁ ଯାତ୍ରୀବାହୀ ଟ୍ରେନ୍ ବଦଳରେ ଆନ୍ଦୋଳନକାରୀ ନାମରେ କେସ୍ ରୁଜୁ ହେଉଛି। ଯାହା ଫଳରେ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ନାହିଁ ବୋଲି ମତପ୍ରକାଶ ପାଉଛି । ସୂଚନା ଅଧିକାର କର୍ମୀ ଶିବାଶିଷ ନନ୍ଦଙ୍କ ଆବେଦନର ୨୦୧୩ରେ ସୂଚନା ଦେଇ ଏଠାରେ ପ୍ଲାଟଫର୍ମ, ଯାତ୍ରୀମାନଙ୍କ ପାଇଁ ସୁବିଧା ନ ଥିବା କାରଣରୁ ଯାତ୍ରୀବାହୀ ରେଳଷ୍ଟେଶନ ପରିଣତ କରାଯାଇପାରୁନାହିଁ ବୋଲି ରେଳବାଇ ପକ୍ଷରୁ ସୂଚନା ମିଳିଥିଲା। ଏବେ ରେଳ ମନ୍ତ୍ରଣାଳୟ ସମତଳ ନ ଥିବା କାରଣ ଦର୍ଶାଉଛନ୍ତି। ଏଣୁ ରେଳ ମନ୍ତ୍ରଣାଳୟ ଏଠାକୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ନ କରିବାକୁ ଏଭଳି ଭିନ୍ନ ସୂଚନା ଦେଉଛି ବୋଲି ନନ୍ଦ କହିଛନ୍ତି । ଅନ୍ୟପକ୍ଷରେ ଗତ ୫ ବର୍ଷ ମଧ୍ୟରେ ବଡ଼ବିଲରୁ ବଲାଣି ମଧ୍ୟରେ ରେଳଧାରଣା ସମସ୍ୟା କାରଣରୁ କୌଣସି ଦୁର୍ଘଟଣା ଘଟି ନ ଥିବା ସୂଚନା ଦେଇଛନ୍ତି। ଏ ନେଇ ଚକ୍ରଧରପୁର ଡିଭିଜନର ପବ୍ଲିକ ରିଲେଶନ ଅଫିସର ମନୀଷ ପାଠକଙ୍କୁ ଫୋନ କରିଥିଲେ ହେଁ ନ ଉଠାଇବାରୁ ମତାମତ ନିଆଯାଇପାରିନାହିଁ। ସେଠାକୁ ଯାତ୍ରୀବାହୀ ଟ୍ରେନ ଚଳାଚଳ କରିବାକୁ ହେଲେ ସେ ବାବଦ ହେବାକୁ ଥିବା ଖର୍ଚ୍ଚ ଆଦାୟ ହୋଇପାରିଲେ ଷ୍ଟେଶନ ଖୋଲି ପାରିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରୁଛନ୍ତି।

ସୂଚନା ଯୋଗ୍ୟ, ଉକ୍ତ ରେଳ ଷ୍ଟେଶନରୁ ଦୈନିକ ୬ ରୁ ୭ ରେକ୍ ଲୁହାପଥର ଏହି ସାଇଡିଂରୁ ପରିବହନ ହୋଇଥାଏ। ବାର୍ଷିକ ୮୦୦ରୁ ୧୦୦୦ କୋଟି ଟଙ୍କା ରେଳ ମନ୍ତ୍ରଣାଳୟ ଲାଭ କରିଥାଏ ବୋଲି ବେସରକାରୀ ଭାବେ ଜଣାପଡ଼ିଛି। ଦୀର୍ଘ ୫୮ ବର୍ଷ ଧରି ଏଭଳି ଲୁହାପଥର କାମ ଚାଲିଛି। ମାତ୍ର ରେଳ ଷ୍ଟେଶନର ଉନ୍ନତୀକରଣ କରି ବ୍ୟବହାର ଯୋଗ୍ୟ କରାଯାଉନି। ରେଳ ଲାଇନକୁ ସମତଳ କରି ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଉପଯୋଗୀ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

# ୭ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ



ବ୍ଲକସ୍ତରୀୟ ବିଜ୍ଞାନମେଳାରେ ଅତିଥିଗଣ।

ବାଲିଆପାଳ, ୧୧।୧୨(ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧୀନ ଜାମକୁଣ୍ଡା ନୋଡ଼ାଲ ହାଇସ୍କୁଲ ପରିସରରେ ଶନିବାର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳରେ ୧୦୭ ପ୍ରକଳ୍ପ ଅଂଶଗ୍ରହଣ କରିଥିବା ବେଳେ ସେଥିରୁ ୭ ପ୍ରକଳ୍ପ ଜିଲାସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଛି। ଏହି ମେଳାକୁ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଉଦ୍‌ଘାଟନ କରିଥିଲେ। ବାଲିଆପାଳ ବିଇଓ ସୁଧାଂଶୁ ଶେଖର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟକ ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଚାନ୍ଦିପୁରର ବରିଷ୍ଠ ବୈଜ୍ଞାନିକ ସୁଜିତ କୁମାର ସିଂ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିଆପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ନାୟକ, ଜାମକୁଣ୍ଡା ପଞ୍ଚାୟତ ସରପଞ୍ଚ କାଞ୍ଚନବାଳା ମାହାନା, ଜାମାକୁଣ୍ଡା ସମିତି ସଦସ୍ୟା ଗାୟତ୍ରୀ ଦଳାଇ, ବାଲିଆପାଳ ଏବିଇଓ ଆରତୀ ଭୂୟାଁ, ନମିତା ସାମଲ, ବ୍ଲକ ସାଇନ୍ସ କୋଡ଼ିନେଟର ଶୁକଦେବ ମାହାନ୍ତି, ସିଆର୍‌ସିସି ଅତୁଲ କୁମାର ସାହୁ, ଜାମକୁଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷକ ହେମନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଜାମକୁଣ୍ଡା ହାଇସ୍କୁଲ ବିଜ୍ଞାନ ଶିକ୍ଷକ ସଞ୍ଜୟ କୁମାର ଭୂୟାଁ ସଭା ପରିଚାଳନା କରିଥିଲେ। ବିଭିନ୍ନ ସ୍କୁଲରୁ ୧୦୭ ପ୍ରକଳ୍ପ ଅଂଶଗ୍ରହଣ କରିଥିଲେ। ୭ଟି ପ୍ରକଳ୍ପ ଜିଲାସ୍ତର ବିଜ୍ଞାନମେଳା ପାଇଁ ମନୋନୀତ ହୋଇଛି। ମନ୍ମଥ କୁମାର ବିଶ୍ୱାଳ, ଆଦିତ୍ୟ କୁମାର ରାଉତ, ପୂର୍ଣ୍ଣେନ୍ଦୁ ଦାସ, ନିତାଇ ଚରଣ ରାଉଳ, ନିରଞ୍ଜନ ପ୍ରଧାନ, ବିଜୟ କୁମାର ପାତ୍ର, ବିଭିନ୍ନ ଶିକ୍ଷକ ସଂଘ କର୍ମକର୍ତ୍ତା, ସମସ୍ତ ସିଆର୍‌ସିସି ସହଯୋଗ କରିଥିଲେ।

# ଆଶାକର୍ମୀ, ପାଚିକା ସହାୟିକାଙ୍କ ବିକ୍ଷୋଭ



ଶୋଭାଯାତ୍ରାରେ ସାମିଲ ହୋଇଥିବା ଆଶାକର୍ମୀ ଓ ପାଚିକା ସହାୟିକାମାନେ।

ଭଦ୍ରକ ଅଫିସ, ୧୧।୧୨

୧୧ ଦଫା ଦାବିରେ ଆଶାକର୍ମୀ ଓ ବିଦ୍ୟାଳୟରେ ନିୟୋଜିତ ଥିବା ପାଚିକା ସହାୟିକାମାନେ ରବିବାର ଭଦ୍ରକ ଏମ୍‌ପି ଓ ବିଧାୟକଙ୍କ ବାସଭବନ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନଙ୍କୁ ଶ୍ରମିକ ମାନ୍ୟତା, ମାସକୁ ୨୬ ହଜାର ଟଙ୍କା ବେତନ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ମାସକୁ ୧୦ ହଜାର ଟଙ୍କା ପେନ୍‌ସନ, ସମସ୍ତଙ୍କୁ ସ୍ୱାସ୍ଥ୍ୟବୀମା ଯୋଗାଇବା, କରୋନା ସମୟରେ ମୃତ ଆଶାକର୍ମୀଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରତିଶ୍ରୁତି ପୂରଣ ଆଦି ଦାବି କରାଯାଇଛି। ଆଶାକର୍ମୀ ଓ ପାଚିକା ସହାୟିକାମାନେ ଶୋଭାଯାତ୍ରାରେ ଭଦ୍ରକ ବସ୍‌ଷ୍ଟାଣ୍ଡରୁ ବାହାରି ସହର ପରିକ୍ରମା ପରେ ଏମ୍‌ପି, ଭଦ୍ରକ ଓ ଭଣ୍ଡାରିପୋଖରୀ ବିଧାୟକଙ୍କ ଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପତ୍ର ପ୍ରଦାନ କରିଥିଲେ।

ଶ୍ରମିକ ନେତା ଦିବ୍ୟସିଂହ ନାୟକ, ରାଧା ଦାସ, କାଳନ୍ଦୀ ପାତ୍ର, ମମତା ଜେନା, ମହେଶ୍ୱର ନାୟକ, ମଳୟ ଭୋଇ, ବିଷ୍ଣୁ ଦାଶ, ଶାନ୍ତିଲତା ନାୟକ, ପଦ୍ମିନୀ ପଣ୍ଡା, ବାସନ୍ତୀ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ପରେ ଶ୍ରମିକ ନେତା ନାୟକଙ୍କ ସଭାପତିତ୍ୱରେ ବସ୍‌ଷ୍ଟାଣ୍ଡଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

# ଜନ ଆଶୀର୍ବାଦ ଯାତ୍ରାକୁ ଯୋଡ଼ାରେ ସ୍ୱାଗତ

ଯୋଡ଼ା,୧୧।୧୨(ଡି.ଏନ.ଏ)

ଅଖିଳ ଭାରତୀୟ ଅଗ୍ରୱାଲ ସମ୍ମିଳନୀ ପକ୍ଷରୁ ମା’ ଆଦ୍ୟା ମହାଲକ୍ଷ୍ମୀଙ୍କ ଭବ୍ୟ ମନ୍ଦିର ନିର୍ମାଣର ପ୍ରଚାର ନିମନ୍ତେ ୧୮ ଗୋଟି ରଥ ଗ୍ରାମ ଓ ସହର ପରିକ୍ରମା କରୁଛି। ଯୋଡ଼ା ପୌରାଞ୍ଚଳରେ ଶନିବାର ପୂର୍ବାହ୍ନରେ ରଥ ପଦାର୍ପଣ କଲାପରେ କଳାପାହାଡ଼ ଛକରେ ମା’ଙ୍କୁ ପୂଜାର୍ଚ୍ଚନା ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ରଥ ଭାରତର ହରିୟାଣାରେ ଅବସ୍ଥିତ ଆଗ୍ରହାଠାରୁ ଆରମ୍ଭ ହୋଇ ଓଡ଼ିଶାର ପୁରୀ, ଜଟଣୀ, ବ୍ରହ୍ମପୁର, ଖୋର୍ଦ୍ଧା, ଯାଜପୁର, ଭଦ୍ରକ, ବାଲେଶ୍ୱର ଦେଇ କେନ୍ଦୁଝରରେ ପହଞ୍ଚିଥିଲା। ଯାତ୍ରାକୁ ସ୍ୱାଗତ କରିବା ସମୟରେ ଅଖିଳ ଭାରତୀୟ ଅଗ୍ରୱାଲ ସମ୍ମିଳନୀର ମୁଖ୍ୟ ଅମର କେଜ୍ରିୱାଲ, ଦୀନେଶ ଅଗ୍ରୱାଲ, ମୁକେଶ ସିଙ୍ଘାନିଆଙ୍କ ସମେତ ବହୁ ସଂଖ୍ୟାରେ ଭକ୍ତ ଉପସ୍ଥିତ ରହିଥିଲେ। ସମସ୍ତ ରଥ ଆଗ୍ରହା ଧାମରେ ପହଞ୍ଚିବା ପରେ କୂଳଦେବୀ ଆଦ୍ୟା ମହାଲକ୍ଷ୍ମୀଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ରଥକୁ ଯୋଡ଼ା ସହରାଞ୍ଚଳରେ ସ୍ୱାଗତ କରାଯିବା ସହିତ ଯୋଡ଼ା ମାଲକ୍ଷ୍ମୀଙ୍କ ମନ୍ଦିର ପରିସରରେ ରଥରେ ବିରାଜମାନ ମା’ଙ୍କୁ ଆରତୀ ସହ ପୂଜାର୍ଚ୍ଚନା କରାଯାଇଥିଲା।


ରଥ ନିକଟରେ ଅଖିଳ ଭାରତୀୟ ଅଗ୍ରୱାଲ ସମ୍ମିଳନୀ ସଦସ୍ୟଙ୍କ ସହ ସ୍ଥାନୀୟ ଲୋକେ।

# ‘ବନ୍ଦେ ଉତ୍କଳ ଜନନୀ’ ଉପରେ ପ୍ରତିଯୋଗିତା

ଭଦ୍ରକ ଅଫିସ, ୧୧।୧୨

ଭଦ୍ରକ ସହର ଗାନ୍ଧୀପଡ଼ିଆରେ ଚାଲିଥିବା ପୁସ୍ତକ ମେଳା ଏବଂ ଭଦ୍ରକ ମହୋତ୍ସବର ତୃତୀୟ ଦିନରେ ରବିବାର ଭୁବନେଶ୍ୱର ସାରଳା ଭାଷା ସାହିତ୍ୟ ଓ ପୁରାତତ୍ତ୍ୱ ଗବେଷଣା ନ୍ୟାସ ପକ୍ଷରୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ‘ବନ୍ଦେ ଉତ୍କଳ ଜନନୀ’ ଉପରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତାରେ ବିଭିନ୍ନ ବ୍ଲକରୁ ଆସିଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥିଲେ। ସାରଳା ଭାଷା ସାହିତ୍ୟ ଓ ପୁରାତତ୍ତ୍ୱ ଗବେଷଣା ନ୍ୟାସର ଜିଲା ସଭାପତି କାଳୀପଦ ରାୟ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ଶହୀଦ ଭଗତସେନାର ଆବାହକ ସୀତାଂଶୁ ଶେଖର ମହାପାତ୍ର, ମୁଖ୍ୟବକ୍ତା ନାରାୟଣ ସ୍ମୃତି ସଂସଦର ସଭାପତି ବିଭୂତି ଭୂଷଣ ସେନାପତି, ଅନ୍ୟତମ ବକ୍ତା ଅଧ୍ୟାପିକା ସଂଯୁକ୍ତା ଭାରତୀ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ସଦାନନ୍ଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବନ୍ଦେ ଉତ୍କଳ ଜନନୀ ଓ କାନ୍ତ ସାହିତ୍ୟ ପ୍ରତି ଛାତ୍ରୀଛାତ୍ର ଅନୁପ୍ରେରିତ ହେବାକୁ ମାର୍ଗଦର୍ଶନ କରିଥିଲେ। ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଗବେଷଣା ନ୍ୟାସର ଟ୍ରଷ୍ଟି ଅଜିତ କୁମାର ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବାଇଚଢ଼େଇ ସମ୍ପାଦକ ବିକାଶ କୁମାର ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ପୁସ୍ତକ ମେଳା ମହୋତ୍ସବ କମିଟି ସଭାପତି ଇଂ. ଅଭୟ ସୂତାର, ସମ୍ପାଦକ ରବି ଖିଲାର, ସଂଯୋଜକ ନୀହାର ରଞ୍ଜନ କର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଗବେଷଣା ନ୍ୟାସର ଜିଲା ସମ୍ପାଦକ ଶଶାଙ୍କ ଶେଖର ସାହୁ ଧନ୍ୟବାଦ ଦେଇଥିଲେ।

# ‘ସମସ୍ତେ ସମ୍ମାନର ସହ ବଞ୍ଚିବା ହିଁ ମାନବ ଅଧିକାର ଦିବସର ମୂଳ ଲକ୍ଷ୍ୟ’

କେନ୍ଦୁଝର,୧୧।୧୨(ଡି.ଏନ୍.ଏ)

ଜିଲା ଆଇନସେବା ପ୍ରାଧିକରଣ ସୌଜନ୍ୟରୁ ଓ ପଦ୍ମପୁର ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବିଶ୍ୱ ମାନବ ଅଧିକାର ଦିବସ-୨୦୨୨ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା ଆଇନସେବା ପ୍ରାଧିକରଣ, ପୁଲିସ ପ୍ରଶାସନ, ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀଛାତ୍ରମାନେ ଉଦ୍‌ବୋଧନ ପ୍ରଦାନ କରିଥିଲେ। ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ୍ ଚିତ୍ତରଞ୍ଜନ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମୁଖ୍ୟ ଅତିଥି ଭାବେ ପ୍ରାଧିକରଣ ସଚିବ ମାମି ବେହେରା ଯୋଗଦେଇ ସମାଜର ପ୍ରତ୍ୟେକ ବର୍ଗର ଲୋକମାନଙ୍କ ଦ୍ୱାରଦେଶରେ ନ୍ୟାୟ ପ୍ରଦାନ ତଥା ସମ୍ମାନର ସହ ବଞ୍ଚିବା ହିଁ ଉକ୍ତ ଦିବସର ମୂଳଲକ୍ଷ୍ୟ ବୋଲି ମତବ୍ୟକ୍ତ କରିଥିଲେ। ଉପ ଆରକ୍ଷୀ ଅଧିକ୍ଷକ ଉପାସନା ପାଢ଼ୀ ରାଷ୍ଟ୍ରପିତା ମହାତ୍ମାଗାନ୍ଧୀଙ୍କ ପ୍ରଣୀତ ଅଧିକାର ଓ କର୍ତ୍ତବ୍ୟ ଉପରେ ଟିପ୍ପଣୀ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସମ୍ପାଦକ ଅକ୍ଷୟ ଚକ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଗତିକୃଷ୍ଣ ବାରିକ, ହରିହର ଦାସ, ଅଧ୍ୟାପିକା ସ୍ନିଗ୍ଧା ମିଶ୍ର, ଛାତ୍ରୀ ସ୍ମୃତିବାଳା ମହାନ୍ତ, ଉତ୍ତମ ମହାନ୍ତ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟାପିକା ମୀନା ସାହୁ, ଅଧ୍ୟାପକ ତପନ ସେଠୀ, ପ୍ରାଧିକରଣ ପାରା ଆଇନ ସ୍ୱେଚ୍ଛାସେବୀ ବନଲତା ଜେନା, ସୁମିତ୍ରା ସେନାପତି, ପ୍ରାଧିକରଣ କର୍ମୀ ଦେବବ୍ରତ ଦାସ, ଶିଶିର ସାହୁ, ମାନସ ନାୟକ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଏମ୍‌ଡିଏମ୍ ୱାର୍କର୍ସ ୟୁନିୟନର ଦାବିପତ୍ର

ବଡବିଲ,୧୧।୧୨(ସ୍ୱ.ପ୍ର.)

ଓଡ଼ିଶା ମିଡ୍ ଡେ ମିଲ(ଓଏମ୍‌ଡିଏମ) ୱାର୍କର୍ସ ୟୁନିୟନ କେନ୍ଦୁଝର ଜିଲା କମିଟି ରବିବାର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୭ ଦଫା ଦାବି ସମ୍ବଳିତପତ୍ର କେନ୍ଦୁଝର ଜିଲା ଏମ୍‌ପିଙ୍କ ଜରିଆରେ ପ୍ରଦାନ କରିଛି। କମିଟି ଆବାହକ ଇନ୍ଦ୍ରମଣି ବେହେରାଙ୍କ ନେତୃତ୍ୱରେ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଥିଲେ। କର୍ମଚାରୀମାନଙ୍କୁ ଗଣଶିକ୍ଷା ବିଭାଗ କର୍ମଚାରୀ ଭଳି ନିଯୁକ୍ତି, ଛୁଟି ପ୍ରଦାନ, ମାସିକ ୨୬ ହଜାର ଦରମା, ୧୦ ହଜାର ପେନସନ, ବର୍ଷକୁ ୧୨ ମାସ ଦରମା ପ୍ରଦାନ, ଇପିଏଫ, ଇଏସ୍‌ଆଇ ଓ ବୀମା ଆଦି ଲାଗୁ କରିବା, ଅବସର ବୟସ ସୀମା ୫୮ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି ଆଦି ମୋଟ ୭ ଦଫା ଦବି ଉକ୍ତ ପତ୍ରରେ ଉଲ୍ଲେଖ ରହିଛି।

# ବିବେକାନନ୍ଦ ପାଠକ ମଞ୍ଚ ପକ୍ଷରୁ ପ୍ରତିଭା ଅନ୍ୱେଷଣ

ହାଟଡିହୀ,୧୧।୧୨(ଡି.ଏନ୍.ଏ)

କେନ୍ଦୁଝର ବିବେକାନନ୍ଦ ପାଠକ ମଞ୍ଚର ଅଷ୍ଟାଦଶ ସ୍ୱନକ୍ଷେତ୍ର ଦିବସ ଉପଲକ୍ଷେ ଶ୍ରେଷ୍ଠ ପାଠକ ଚୟନ ଓ ପ୍ରତିଭା ଅନ୍ୱେଷଣ ପ୍ରତିଯୋଗିତା ଜପିଦାସ ସରକାରୀ ଉଚ୍ଚ ବିଦ୍ୟାଳୟ ବଡ଼ରମ୍ପାସଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହାଟଡ଼ିହୀ ପଞ୍ଚାୟତ ସମିତି ଅଧୀନ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟରୁ ୨୦୦ ପ୍ରତିଯୋଗୀ ଶ୍ରେଷ୍ଠ ପାଠକ ଚୟନ, ଓଡ଼ିଆ ଭାଷା ଜ୍ଞାନ, ଆଶୁ ଓଡ଼ିଆ କବିତା ଲିଖନ, ବକ୍ତୃତା ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଆସନ୍ତା ୨୫ ତାରିଖରେ ସଙ୍ଗୀତ, ବ୍ୟଙ୍ଗ, ଶ୍ରେଷ୍ଠ ପାଠକ ଚୟନର ସାକ୍ଷାତକାର ଆଦି ନୂଆରମ୍ପାସ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଉକ୍ତ ଦିନ ପୁରସ୍କାର ବିତରଣ କରାଯିବାର କାର୍ଯ୍ୟକ୍ରମ ରହିଛି ବୋଲି ମଞ୍ଚ ପକ୍ଷରୁ ଜଣାଇ ଦିଆଯାଉଛି।


ପ୍ରତିଯୋଗିତାରେ ଅଶଂଗ୍ରହଣ କରିଥିବା ଛାତ୍ରୀଛାତ୍ର।

# କୃତୀ ପ୍ରତିଯୋଗୀ, ଜାତୀୟସ୍ତରୀୟ ଖେଳାଳିଙ୍କୁ ସମ୍ବର୍ଦ୍ଧନା

## ସରିଲା ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା

ବାଲେଶ୍ୱର ଅଫିସ, ୧୧।୧୨

ବାଲେଶ୍ୱର ଜିଲା କ୍ରୀଡା ସଂଘ ପକ୍ଷରୁ ସ୍ଥାନୀୟ ପରମିଟ ପଡ଼ିଆରେ ଚାଲିଥିବା ୭୮ତମ ଜିଲାସ୍ତରୀୟ ବାର୍ଷିକ କ୍ରୀଡା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଅବତରଣ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ସଫଳ ପ୍ରଦର୍ଶନ ପାଇଁ ନିୟମିତ ଅଭ୍ୟାସ ଜାରି ରଖିବାକୁ ଖେଳାଳିଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଜିଲା କ୍ରୀଡ଼ା ସଂଘର ପ୍ରସ୍ତାବକ୍ରମେ ପରିମିଟ୍ ପଡ଼ିଆରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଏମ୍‌ପି ପାଣ୍ଠିରୁ ୧୦ଲକ୍ଷ ଅନୁଦାନ ପ୍ରଦାନ ନେଇ ଘୋଷଣା କରିଥିଲେ।


ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ ଦିବସରେ ଅତିଥିଗଣ।

ଜିଲା କ୍ରୀଡ଼ା ସଂଘର କାର୍ଯ୍ୟକାରୀ ସଭାପତି ଅଧୀପ ଦାସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଜିଲାର ସଫଳ କ୍ରୀଡ଼ାବିତ୍‌ଙ୍କ ସମ୍ପର୍କରେ ସୂଚନା ଦେଇଥିଲେ। ସଂଘ ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ସଂଯୋଜନା କରିଥିଲେ। ଉପସଭାପତି ବୀରେନ୍ଦ୍ର ସ୍ୱାଇଁ, ସହ-ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, କୋଷାଧ୍ୟକ୍ଷ ଅମର ମହାନ୍ତି ପ୍ରମୁଖ ଯୋଗଦେଇ ଜିଲା କ୍ରୀଡ଼ା କ୍ଷେତ୍ରକୁ ଆଗେଇ ନେବାରେ ଆଥଲେଟିକ୍ ଆସୋସିଏଶନର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ଦେଇଥିଲେ। କ୍ରୀଡ଼ା ସଂଘର ଯୁଗ୍ମ ସମ୍ପାଦକ ଜଗଦୀଶ ବେହେରା, ସଞ୍ଜୟ ଲେଙ୍କା, ନିମାଇ ରାଉତରାୟ, ସୁଜୟ ଆଚାର୍ଯ୍ୟ, କାର୍ତ୍ତିକ ନାୟକ, ରବୀନ୍ଦ୍ର କୁମାର ସାହୁ, ହରେନ ଚନ୍ଦ୍ର ରଣା, ସାଦିକ୍ ଅଲ୍ଲୀ ଖାଁ, ଗୌରୀଶଙ୍କର ସାହାଣୀ ଓ ରବିନ୍ ମିତ୍ର ପ୍ରମୁଖ ଖେଳଗୁଡ଼ିକୁ ସଞ୍ଚାଳନ କରିଥିଲେ। ଅତିଥିଙ୍କ ଦ୍ୱାରା ବିଭିନ୍ନ ବିଭାଗ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଏବଂ ଜାତୀୟ, ଆନ୍ତର୍ଜାତିକ ସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଜିଲାର ସଫଳ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବରୁ ମନୋନୀତ ଶ୍ରେଷ୍ଠ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ କ୍ରୀଡ଼ାରେ ଅଂଶଗ୍ରହଣ କରିବେ ବୋଲି ସଂଗଠନର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

